
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ



ଆଶାବାଦୀ ହେବା ଏକ ଚମତ୍କାରିତା । ଏହା ତୁମକୁ ସୁସ୍ଥ ଓ ସ୍ଥିର ରଖେ ।
– ଡାନିଏଲ୍ କାନେମ୍ୟାନ୍

♦ବର୍ଷ–୧ ♦ସଂଖ୍ୟା–୫୧ ♦ବରଗଡ଼ ♦୨୮ ଅକ୍ଟୋବର–୩ ନଭେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ ♦VOL-1 ♦ISSUE- 51♦BARGARH ♦ 28 OCT-3 NOV 2022 ♦RS.5/- ♦PAGE-8

ବ୍ରିଟେନ୍‌ରେ ଋଷି ରାଜ୍ ପୃଷ୍ଠା–୩➔



ବଲିଉଡ୍‌ରେ ପାକିସ୍ତାନୀ ହିରୋଇନ୍ ପୃଷ୍ଠା–୫➔



କାଦୁଅ ପଚପଚ ରାସ୍ତା: ଲୋକେ ହନ୍ତସନ୍ତ ପୃଷ୍ଠା–୭➔



ପଞ୍ଚକ ମହାତ୍ମ୍ୟ ପୃଷ୍ଠା–୮➔



# ଚା' ବାଲା ବନାମ ଶ୍ରମିକ ପୁଅ

## ମୋଦୀଙ୍କ ଚା ବାଲା ରଣନୀତିକୁ ଟକ୍କର ଦେବ ଖାଡ୍‌ଗେଙ୍କ ଶ୍ରମିକ କାର୍ଡ



ନୂଆଦିଲ୍ଲୀ: ୨୦୧୪ ଲୋକସଭା ନିର୍ବାଚନ ହାରିବା ପରେ କଂଗ୍ରେସର ସ୍ଥିତି କ୍ରମାଗତ ଦୁର୍ବଳ ହେବାରେ ଲାଗିଛି । ଅନେକ ରାଜ୍ୟସଭା ନିର୍ବାଚନ ସହିତ ୨୦୧୯ ଲୋକସଭା ନିର୍ବାଚନରେ ଦଳ ଶୋଚନୀୟ ପରାଜୟ ଭୋଗିଛି । ଦଳ କେବଳ ରାଜସ୍ଥାନ ଏବଂ ଛତିଶଗଡ଼ ଏହି ଦୁଇଟି ରାଜ୍ୟରେ ସରକାର ବଞ୍ଚାଇ ରଖି ପାରିଛି । ଗତ ଅନେକ ନିର୍ବାଚନରେ କଂଗ୍ରେସର ପରାଜୟ ଏବଂ ବିଜେପିର ବିଜୟ ମଧ୍ୟରେ ପ୍ରମୁଖ କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା କାହାକୁ ଅଛପା ନୁହେଁ । ମୋଦୀ ଏକ ଗରିବ ପରିବାରରୁ ଜନ୍ମ ନେଇଥିଲେ ଏବଂ ତାଙ୍କ ବାପା ଦାମୋଦର ଦାସ ମୋଦୀ ରେଲ୍‌ୱେ ଷ୍ଟେସନ୍‌ରେ ଚା ବିକ୍ରି କରୁଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ଅନେକ ନିର୍ବାଚନୀ ରାଲିରେ ଏହାର ଉଲ୍ଲେଖ କରିଛନ୍ତି । ଦଳ କହିଛି ଜଣେ ତୃଣମୂଳସ୍ତରରୁ ଆସି ପ୍ରଧାନମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚିବା ଏହା କେବଳ ବିଜେପିରେ ସମ୍ଭବ । ଏହାକୁ ନେଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଉପରକୁ ମଧ୍ୟ ବିଜେପି ହମ୍‌ଲା କରି ଆସିଛି । ମାତ୍ର ଏବେ ଲାଗୁଛି କଂଗ୍ରେସକୁ ଏହାର ମୁକାବିଲା ପାଇଁ ଅସ୍ତ୍ର ମିଳି ଯାଇଛି । କଂଗ୍ରେସର ନୂତନ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ୍‌ଗେ ବୁଧବାର ଏମିତି ଏକ ବୟାନ ଦେଇଛନ୍ତି, ଯାହାକୁ ନେଇ କୁହାଯାଉଛି କଂଗ୍ରେସ ଆଗାମୀ ସମୟରେ ବିଜେପି ପିଚ୍‌ରେ ଖେଳି ଏହାର ଜବାବ ଦେବାକୁ ଯାଉଛି ।

ଆନୁଷ୍ଠାନିକ ଭାବେ କଂଗ୍ରେସର ଅଧ୍ୟକ୍ଷ ପଦ ଗ୍ରହଣ କରିବା ପରେ ମଲ୍ଲିକାର୍ଜୁନ ଖାଡ୍‌ଗେ ନିଜକୁ ଶ୍ରମିକର ପୁଅ କହିଛନ୍ତି । ନିର୍ବାଚନ ପତ୍ର ପ୍ରଦାନ ପରେ ଖାଡ୍‌ଗେ କହିଛନ୍ତି, ଏହା ତାଙ୍କ ପାଇଁ ଭାବୁକ ମୁହୂର୍ତ୍ତ । ଜଣେ ଶ୍ରମିକର ପୁଅ ଏବଂ ସାଧାରଣ କର୍ମକର୍ତ୍ତାକୁ ପାର୍ଟିର ଅଧ୍ୟକ୍ଷ କରିବା ନେଇ କଂଗ୍ରେସ ନେତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଖାଡ୍‌ଗେଙ୍କ ଏହି ବୟାନକୁ ରାଜନୈତିକ ବିଶ୍ଳେଷକ ବେଶ ଗୁରୁତ୍ୱ ଦେଇଛନ୍ତି । ପ୍ରଥମ ଥର ଖାଡ୍‌ଗେ ନିଜକୁ ଶ୍ରମିକର ପୁଅ କହି ନାହାନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ, ଖାଡ୍‌ଗେଙ୍କ ଏହି ବୟାନ ଜରିଆରେ କଂଗ୍ରେସର ସେହି ଛବିକୁ ଭାଙ୍ଗିବାକୁ ଚେଷ୍ଟା କରିବ, ଯେଉଁଠି ସର୍ବଦା କୁହାଯାଇ ଆସୁଛି ଯେ କଂଗ୍ରେସ ବଡ ପରିବାରର ପାର୍ଟି । ଏଠାରେ ଗରିବ ଘରର ପୁଅକୁ ସ୍ଥାନ ନାହିଁ । ଏମିତିରେ କଂଗ୍ରେସ ନୂତନ ଅଧ୍ୟକ୍ଷ ଖାଡ୍‌ଗେଙ୍କ ଜରିଆରେ ଜନତାଙ୍କୁ ଏହି ସନ୍ଦେଶ ଦେଇ ପାରିବ ଯେ, ପାର୍ଟିରେ ଯେ କେହି ବି ସର୍ବୋଚ୍ଚ ପଦକୁ ଯାଇ ପାରିବେ, ସେ ଧନୀ ହେଉ କି ଗରିବ ବା ଶ୍ରମିକ ଘରର ପୁଅ ହୋଇଥାଉ ନା କାହିଁକି ।

### ଖାଡ୍‌ଗେଙ୍କ ସାମ୍ନାରେ ଅନେକ ଚ୍ୟାଲେଞ୍ଜ

ପଦଭାର ଗ୍ରହଣ କରିବା ସହିତ ତାଙ୍କ ନିକଟରେ ଚ୍ୟାଲେଞ୍ଜର ପାହାଡ଼ ରହିଛି । ତାଙ୍କ ସାମ୍ନାରେ ଗୋଟିଏ ପଟେ ରାଜସ୍ଥାନର ରାଜନୈତିକ ସଙ୍କଟ ଥିବା ବେଳେ ଅନ୍ୟପଟେ ମୁଣ୍ଡ ଉପରେ ରହିଛି ଗୁଜରାଟ ଏବଂ ହିମାଚଳ ପ୍ରଦେଶ ନିର୍ବାଚନ । ଖାଡଗେଙ୍କ ଲାଗି ➔ପୃଷ୍ଠା–୭

## ସମ୍ପାଦକୀୟ

କେଜରି ଗୁଗୁଲି

## ଧାମନଗରରେ ଟଙ୍କା ବର୍ଷା

# ମୁହାଁମୁହିଁ ବିଜେପି–ବିଜେଡି

ଭୁବନେଶ୍ୱର: ଧାମନଗର ଉପନିର୍ବାଚନରେ ଭୋଟ୍ ଫର୍ ନୋଟ୍ ଅଭିଯୋଗକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେପି–ବିଜେଡି । ଏସ୍‌ଏଚ୍‌ଜି ସଦସ୍ୟଙ୍କ ଦ୍ୱାରା ଟଙ୍କା ବର୍ଷା ଓ ବିଜେଡି କର୍ମୀଙ୍କ କୋଟିଏ ଟଙ୍କାର ଅଫର ଭିଡିଓ ସାମ୍ନାକୁ ଆସିବା ପରେ ବିଜେପି ନିଶାନରେ ବିଜେଡି । ଧାମନଗର ଉପନିର୍ବାଚନରେ ବିଜେଡି ଟଙ୍କା ବାଣ୍ଟିବା ➔ପୃଷ୍ଠା–୭

# ଅଣାୟତ୍ତ ମହାପ୍ରସାଦ ଦର

## ପେଟେ ମହାପ୍ରସାଦ ନୁହେଁ, ଖାଲି ତୁଣ୍ଡରେ ମାରି ଫେରୁଛନ୍ତି ଭକ୍ତ



| ଅବଡା ବାଇହାଣ୍ଡି | ପୂର୍ବ ଦର | ଏବେର ଦର |
|---|---|---|
| ଜିରା ଅନ୍ନ | ୧୪୦୦ ଟଙ୍କା | ୧୬୦୦ରୁ ଅଧିକ |
| ସାଧା ଅନ୍ନ | ୨୦୦୦ ଟଙ୍କା | ୨୫୦୦ରୁ ଅଧିକ |
| ଜିରା ଅନ୍ନ ସେଟ୍ | ୪୦୦୦ ଟଙ୍କା | ୫୦୦୦ ଟଙ୍କା |
| ବାସୁମତି ଅନ୍ନ ସେଟ୍ | ୫୫୦୦ ଟଙ୍କା | ୬୫୦୦ରୁ ଅଧିକ |

ଭୁବନେଶ୍ୱର: ଧର୍ମମାସ କାର୍ତ୍ତିକରେ ପୂଣ୍ୟ ଅର୍ଜିବା ପାଇଁ ଶ୍ରୀକ୍ଷେତ୍ର ମୁହାଁ ହୋଇଛନ୍ତି ଭକ୍ତ । ଶ୍ରୀମନ୍ଦିରରେ ଜଗା ଦର୍ଶନ ପରେ ଅବଢ଼ା ଖାଇ ପୂଣ୍ୟ ଅର୍ଜନ କରିବାକୁ ଆଶା ରଖିଥାନ୍ତି ଭକ୍ତ । ହେଲେ ଏହି ଧର୍ମମାସରେ ମହାପ୍ରସାଦର ଦର ଭକ୍ତମାନଙ୍କୁ ଆଘାତ ଦେଉଛି । ଦର ଏତେ ଅଧିକ ଯେ ଗରିବ ଭକ୍ତ ପକ୍ଷେ ଏହା କିଣିବା ସମ୍ଭବପର ହୋଇପାରୁନି । ହବିଷ୍ୟାଳି ହୁଅନ୍ତୁ କି ମଧ୍ୟବିତ୍ତ ଭକ୍ତ, ସମସ୍ତଙ୍କୁ ଅବଢ଼ା ରେଟ୍ ଖୁବ୍ ବାଧୁଛି । ଭକ୍ତଙ୍କୁ ବେଶି କଷ୍ଟ ଦେଉଛି ଶ୍ରୀମନ୍ଦିର ଆନନ୍ଦବଜାର, ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାରରେ ଥିବା ଦଣ୍ଡିଆମାନଙ୍କ ଶୋଷଣ । ଏମାନେ ମହାପ୍ରସାଦକୁ ୫୦ ଟଙ୍କାରେ କିଣି ଦେଢ ଶହରୁ ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଦର ଆଗରେ ମୁଣ୍ଡ ନୁଆଁଇ ଏମାନେ ବିନା ମହାପ୍ରସାଦରେ ଘରକୁ ଫେରିବାକୁ ବାଧ ହେଉଛନ୍ତି । କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଜି ଯାଏଁ ପ୍ରଶାସନ ପକ୍ଷରୁ ସୁଲଭ ଦରରେ ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ ଯୋଗାଇ ଦେବା ନିମନ୍ତେ ଲାଗି ପାରିଲାନି ରେଟ୍ ଚାର୍ଟ୍ । ଯାହାକୁ ନେଇ ବଢୁଛି ଭକ୍ତଙ୍କ ଅସନ୍ତୋଷ । ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପରେ ସାଧାରଣ ଶ୍ରଦ୍ଧାଳୁଟିଏ ଅବଢ଼ା ➔ପୃଷ୍ଠା–୭



ଶକ୍ତି ପ୍ରଦାୟିନୀ ମା କାଳୀ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁଗଣଙ୍କୁ ଅନ୍ତର୍ମୁଖୀ, ସହନଶୀଳତା, ସନ୍ତୁଷ୍ଟତା, ତ୍ୟାଗ, ଉଦ୍ୟମ, ସଦ୍‌ଭାବନା, ମାନବିକତା, ଧର୍ମପରାୟଣତା, ସୃଜନଶୀଳତା ତଥା ବିଜୟଶକ୍ତିରେ ମହିମା ମଣ୍ଡିତ କରନ୍ତୁ ।

ଅମୃତମୟ ଶୁଭେଚ୍ଛା



Ritun Das
Proprietor
Airson Power
NTPC, Kaniha, Angul

# କେଜରି ଗୁଗୁଲି

କ୍ରିକେଟ୍ ଖେଳର ଗୁଗୁଲି ଏକ ଚର୍ଚ୍ଚିତ ଅଙ୍ଗ। ବ୍ୟାଟର୍‌ଙ୍କୁ ବିଭ୍ରାନ୍ତ କରିବା ଲାଗି ଜଣେ ବୋଲର୍ ତାଙ୍କ ଦ୍ୱାରା ସାଧାରଣ ଭାବେ ଆପଣା ଯାଇଥିବା ଢାଞ୍ଚାରୁ ଭିନ୍ନ ପ୍ରକାରେ ବାଲ୍ଟ ଫିଙ୍ଗନ୍ତି, ଯାହାକୁ ଖେଳିବା ସହଜ ହୋଇ ନ ଥାଏ । କ୍ରିଜ୍‌ରେ ନିଜକୁ ଜମାଇ ରଖିଥିବା ବ୍ୟାଟର୍‌ଙ୍କୁ ଚକ୍‌ମା ଦେଇ ଆଉଟ୍ କରିବା ସକାଶେ ଏହି ରଣନୀତି ଗ୍ରହଣ କରାଯାଇ ଥାଏ।

କ୍ରିକେଟ୍ ଖେଳର ଏହି ବହୁ ପରୀକ୍ଷିତ ରଣନୀତିକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍ ରାଜନୈତିକ ମଇଦାନରେ ପ୍ରୟୋଗ କରିଛନ୍ତି। ଉଦ୍ଦେଶ୍ୟ ହେଲା କେନ୍ଦ୍ରରେ ତଥା ଦେଶର ଅନେକ ରାଜ୍ୟରେ ନିଜେ ଏକୁଟିଆ କିମ୍ବା ଅନ୍ୟ ସହ ବନ୍ଧୁ ବାନ୍ଧି ଶାସନ ଡୋର ହାତରେ ରଖିଥିବା ବିଜେପି ଦଳକୁ ଅଡୁଆରେ ପକାଇବା। ଭାରତବର୍ଷର ଅନ୍ୟ କିଛି ପ୍ରମୁଖ ରାଜନୈତିକ ଦଳଙ୍କ ଦୃଷ୍ଟିରେ ଦକ୍ଷିଣପନ୍ଥୀ ଭାବେ ବିବେଚିତ ବିଜେପି ହିନ୍ଦୁତ୍ୱକୁ ନିଜର ପ୍ରମୁଖ ନିର୍ବାଚନୀ ପୁଞ୍ଜି ଭାବେ ବ୍ୟବହାର କରୁଛି, ହିନ୍ଦୁତ୍ୱର ଦ୍ୱାହି ଦେଇ ଯେ ବର୍ତ୍ତମାନ ସର୍ବ ବୃହତ୍ ରାଜନୈତିକ ଦଳରେ ପରିଣତ ହୋଇଛି ଏଥିରେ କେହି ଦ୍ୱିମତ ହେବେ ନାହିଁ। ଯେହେତୁ ଭାରତବର୍ଷରେ ହିନ୍ଦୁ ଧର୍ମାବଲମ୍ବୀ ହେଉଛନ୍ତି ସଂଖ୍ୟାଗରିଷ୍ଠ ତେଣୁ ସେହି ସମ୍ପ୍ରଦାୟର ଭୋଟ୍ ଯାହା ପଟକୁ ଅଧିକ ଢଳିବ, ସେ କ୍ଷମତା ହାସଲ କରିବ ଏହା ନିଃସନ୍ଦେହ।

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଏହି ଦେଶରେ ତେଣୁ ଧର୍ମ ଭିତ୍ତିକ ରାଜନୀତି ନ ହେବା କଥା। ପୂର୍ବରୁ ଅନ୍ୟ ରାଜନୈତିକ ଦଳ ମାନେ ସଂଖ୍ୟାଲଘୁ ରାଜନୀତି କରି ଆସୁଥିଲେ। ସଂଖ୍ୟାଲଘୁ ତୁଷ୍ଟୀକରଣରେ ମାତିଥିଲେ। ତେବେ ବିଜେପିର ଉତ୍ଥାନ ହିନ୍ଦୁ ସଂପ୍ରଦାୟକୁ ସେମାନଙ୍କ ସ୍ଥିତି ପ୍ରତି ସଚେତନ କରିଦେଇଛି। ଅବଶ୍ୟ ସବୁ ହିନ୍ଦୁ ଯେ ବିଜେପି ଭଳି ଉଗ୍ର ହିନ୍ଦୁତ୍ୱବାଦୀ ଦଳର ସମର୍ଥକ ପାଲଟି ଯାଇଛନ୍ତି, ଏକଥା ନୁହେଁ। ଅନେକ ହିନ୍ଦୁ ଆଗ ଭଳି ରାଜନୈତିକ ଦୃଷ୍ଟିରୁ ଦଳି ଚକଟି ହୋଇ ରହିବାକୁ ଚାହୁଁ ନ ଥିଲେ ବି କଠୋର ପନ୍ଥୀ ନୁହନ୍ତି। ସେମାନେ ହିନ୍ଦୁତ୍ୱର ଧ୍ୱଜା ଧରିବା ସତ୍ତ୍ୱେ ଅନ୍ୟ ଧର୍ମର ବିରୋଧୀ ନୁହନ୍ତି। ଏମାନଙ୍କ ସଂଖ୍ୟା କିଛି କିଛି କମ୍ ନୁହେଁ। ମାତ୍ର ପୂର୍ବରୁ ସଂଖ୍ୟାଲଘୁ ରାଜନୀତି କରୁଥିବା ତଥାକଥିତ ମୁଖ୍ୟଧାରାର ଦଳଗୁଡିକର ଅତୀତର କାର୍ଯ୍ୟକଳାପ ହେତୁ ଏହି ଗୋଷ୍ଠୀ ବାଧ୍ୟବାଧକତାରେ ବିଜେପିକୁ ସମର୍ଥନ କରୁଛନ୍ତି। ଏହି ଭୋଟ୍‌କୁ ହାତେଇ ନେବା ଲାଗି ଅତୀତର କୌଣସି ବୋଝ ବୋହୁ ନ ଥିବା ଆମ ଆଦ୍‌ମୀ ପାର୍ଟି ଭଳି ନୂତନ ଦଳ ଚେଷ୍ଟା କରିବା ସ୍ୱାଭାବିକ।

ଆମ୍ ଆଦ୍‌ମୀ ପାର୍ଟିର ସର୍ବୋଚ୍ଚ ନେତା ଅରବିନ୍ଦ କେଜରିୱାଲ୍ ଜଣେ ଅତି ଚତୁର ବ୍ୟକ୍ତି। ଗତ ଦିଲ୍ଲୀ ନିର୍ବାଚନ ପୂର୍ବରୁ ଗୋଟିଏ ପଟେ ନିଜକୁ ବୀର ବଜରଙ୍ଗୀ ଭକ୍ତ ଦେଖାଇବାକୁ ହନୁମାନ ଚାଳିସା ପାଠ ଉତ୍ସବ ମନାଇଥିଲେ। ତେବେ କେବେ ବି ସଂଖ୍ୟାଲଘୁ ମନ୍ତବ୍ୟ ଦେଇ ନାହାନ୍ତି କି କାର୍ଯ୍ୟ କରିନାହାନ୍ତି। ଏହି ପ୍ରକାର ସଫ୍ଟ ବା ନରମ ହିନ୍ଦୁତ୍ୱ ରାଜନୀତି ଆମ୍ ଆଦ୍‌ମୀ ପାର୍ଟିକୁ ହିନ୍ଦୁ ଭୋଟ୍ ଟାଣିବାରେ ସହାୟକ ହେଉଥିବା ବେଳେ ଦିଲ୍ଲୀରେ ତାଙ୍କ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ସର୍ବୋଚ୍ଚ ଗୁରୁତ୍ୱ ଦେବା ସହ ଆପାତତଃ ଦୁର୍ନୀତିମୁକ୍ତ ପ୍ରଶାସକର ଛବି ତାଙ୍କୁ ଲଗାତାର ତୃତୀୟ ଥର ଲାଗି ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଦେଇଛି। ଦିଲ୍ଲୀରେ ତାଙ୍କ ସଫଳତା ସଂକ୍ରମଣ ହୋଇ ପଡୋଶୀ ରାଜ୍ୟ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟିକୁ କ୍ଷମତାସୀନ କରାଇଛି।

ଏବେ ଆପ୍ ଟାର୍ଗେଟ୍‌ରେ ଗୁଜରାଟ ଏବଂ ହିମାଚଳ ପ୍ରଦେଶ। ଆଗକୁ ଏହି ଦୁଇ ରାଜ୍ୟରେ ବିଧାନସଭା ନିର୍ବାଚନ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିଜ ରାଜ୍ୟ ଗୁଜରାଟରେ ବିଜେପି ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଜେପି କ୍ଷମତାରେ ରହି ଆସିଛି। ଏହା ପୂର୍ବରୁ କଂଗ୍ରେସ ଓ ବିଜେପି ସେଠି ରାଜନୈତିକ ଦୃଷ୍ଟିରୁ ଉନିଶ୍ ବିଶ୍ ଥିଲେ। କିନ୍ତୁ ଏବେ କଂଗ୍ରେସ ସେଠି ଆଉ ବିକଳ୍ପ ଦେବା ଅବସ୍ଥାରେ ନାହିଁ। ବିରୋଧୀ ସ୍ଥାନରୁ କଂଗ୍ରେସକୁ ତଡି ସେଠି ଏକ ନମ୍ବର ବିଜେପି ବିରୋଧୀ ରାଜନୈତିକ ଦଳ ଭାବେ ଆପ୍‌କୁ ଉପସ୍ଥାପିତ କରିବା ଲାଗି କେଜରିଓ୍ୱାଲ ଚେଷ୍ଟିତ। ଗୁଜରାଟରେ ଅନୁଷ୍ଠିତ ବିଭିନ୍ନ ଜନମତ ସର୍ଭେରେ ଯଦିଓ ବିଜେପିକୁ କ୍ଷମତାରୁ ଆପ୍ ହଟାଇ ପାରିବ ବୋଲି କୌଣସି ସୂଚନା ମିଳୁନାହିଁ, ତେବେ ଲୋକପ୍ରିୟତାରେ ଆପ୍ ପାଖାପାଖି ବିଜେପିର ସମାନ ସ୍କନ୍ଧ ହୋଇ ଗଲାଣି। ଗୁଜରାଟରେ ହିନ୍ଦୁଙ୍କ ଦବ୍‌ଦବା ଅଧିକ। ମାତ୍ର ଦୁଇ ତିନି ପ୍ରତିଶତ ଭୋଟରେ ଏପାଖ ସେପାଖ ବିଜେପି କିମ୍ବା ଆପ୍ କିଏ କ୍ଷମତାକୁ ଆସିବ ଥୟ କରିବ। ଏଭଳି ସ୍ଥିତିରେ ଦିପାବଳୀ ଅବସରରେ କେଜରିୱାଲ ଏଭଳି ଏକ ମନ୍ତବ୍ୟ ଦେଇଛନ୍ତି ଯାହାକି ବିଜେପି ତଣ୍ଟିରେ କଣ୍ଟା ଭଳି ଅଟକି ଯାଇଛି। ସେ କହିଛନ୍ତି ଯେ ଭାରତୀୟ କାଗଜ ମୁଦ୍ରାରେ ଲକ୍ଷ୍ମୀ ଓ ଗଣେଶଙ୍କ ଫଟୋ ରଖିବା ଚାହି। ଏହା ଦ୍ୱାରା ଦେଶର ଅର୍ଥନୀତି ସୁଦୃଢ ହେବ ।

ଅର୍ଥନୀତି ଓ ମୁଦ୍ରା ହେଉଛି କେନ୍ଦ୍ରସରକାରଙ୍କ କ୍ଷମତା ପରିସରଭୁକ୍ତ। କେଜରିୱାଲଙ୍କ ଏହି ମନ୍ତବ୍ୟର ଏକାଧିକ ମତଲବ୍ ବାହାର କରିହେବ। ଦେଶର ଅର୍ଥନୀତି ଏବେ ତଳମୁହାଁ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ। ଏକ ମୁକ୍ତ ବଜାର ଦେଶରେ ଷ୍ଟକ୍ ମାର୍କେଟ୍‌କୁ ଅର୍ଥନୀତିର ନାଡି ବୋଲି ବିଚାର କରାଯାଏ। ସେନ୍‌ସେକ୍ସ ଉଠୁଛି ପଡୁଛି। ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର ନିମ୍ନ। ବିଜେପି ସରକାର ଭାରତବର୍ଷର ଅର୍ଥନୀତି କିଭଳି ସବଳ ହେବ ତାହାର ଚିନ୍ତା ଛାଡି ଦେଇଛି ରାମ, କୃଷ୍ଣ ଓ ଶିବ ମନ୍ଦିର ରାଜନୀତିକୁ ପ୍ରାଧାନ୍ୟ ଦେଉଛି। ତେଣୁ ସେହି ଦଳକୁ ଛିଗୁଲାଇବା ଉଦ୍ଦେଶ୍ୟ ଅରବିନ୍ଦଙ୍କ ନଗଦ କାଗଜ ଟଙ୍କାରେ ଗଣେଶ ବା ଲକ୍ଷ୍ମୀ ଫଟୋ ରଖିବା ଦାବି ପଛର ଉଦ୍ଦେଶ୍ୟ ଥାଇ ପାରେ। ଦ୍ୱିତୀୟତଃ ଆଗାମୀ ନିର୍ବଚନରେ ଗୁଜରାଟର ବିଜେପି ସମର୍ଥକ ହିନ୍ଦୁ ଭୋଟରଙ୍କୁ ନିଜ ପଟକୁ ଆଣିବା କେଜରିୱାଲଙ୍କ ଲକ୍ଷ୍ୟ ହୋଇପାରେ। ଏଭଳି କହି କେଜରିୱାଲ ତାଙ୍କ ଦଳକୁ ବିଜେପିଠାରୁ ଅଧିକ ଦେବାଦେବୀ ପ୍ରେମୀ ବୋଲି ଉପସ୍ଥାପିତ କରିବାକୁ ଚାହୁଁଥାଇ ପାରନ୍ତି। ଏକଥା ହେଉ କି ସେ କଥା, କେଜରିୱାଲଙ୍କ ବୟାନ ବିଜେପି ଲାଗି ଗୁଗୁଲି ବଲ୍ ସଦୃଶ ହୋଇଛି।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**

ଇମେଲ୍– aadharodisha8@gmail.com

**ଯୋଗାଯୋଗ**–ପ୍ଲଟ୍ ନମ୍ବର–ପି–୪୨, ଲେନ୍–୧, ଫେଜ୍–୧, ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା

# ବିଷ ବଳୟରେ ଖାଦ୍ୟଶୃଙ୍ଖଳ

ଏକଦା ଶାନ୍ତ, ସୁସ୍ଥ, ପ୍ରକୃତିର ଗନ୍ତାଘର ଥିବା ଓଡ଼ିଶା ପ୍ରଦେଶ ଉଚ୍ଚ ରକ୍ତଚାପ, ମଧୁମେହ, ପକ୍ଷାଘାତ, କର୍କଟ ଆଦି ରୋଗୀଙ୍କ ପ୍ରଦେଶ ଭାବେ ପରିଗଣିତ ହେବାକୁ ଯାଉଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ପରିସଂଖ୍ୟାନ ଅନୁସାରେ ୨୫.୬ ପ୍ରତିଶତ ପୁରୁଷ ଓ ୨୩.୪ ପ୍ରତିଶତ ମହିଳା ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲାବେଳେ ରାଜ୍ୟରେ ୪୨ ଲକ୍ଷ ମଧୁମେହ ରୋଗୀ ଅଛନ୍ତି । ସେହିପରି ଓଡ଼ିଶାରେ ୨୦୧୯–୨୦ରୁ ୨୦୨୧–୨୨ ମଧ୍ୟରେ ୯୨,୬୯୯ ଜଣ କର୍କଟ ରୋଗୀ ଚିକିତ୍ସିତ ହେଉଥିବାବେଳେ ସେଥିମଧ୍ୟରୁ ୩୧,୬୯୨ ଜଣ ପ୍ରାଣ ହରାଇଛନ୍ତି । ଧନଜୀବନକୁ ପ୍ରଭୂତ କ୍ଷତି ପହଞ୍ଚାଉଥିବା ଏହି ରୋଗର ପ୍ରାଦୁର୍ଭାବ ବର୍ତ୍ତମାନ ଓଡ଼ିଶାର ସାଧାରଣ ଜନତାକୁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ କ୍ଷତିଗ୍ରସ୍ତ କରିଚାଲିଛି ଓ ଏହା ସ୍ୱାସ୍ଥ୍ୟ ବିଭାଗ ପ୍ରତି ଏବେ ଆହ୍ୱାନ ସୃଷ୍ଟି କରିଛି । ସବୁ ବର୍ଗର ଓ ସବୁ ବୟସର ଲୋକଙ୍କୁ ପ୍ରଭାବିତ କରୁଥିବା ଏହି ରୋଗଗୁଡ଼ିକର ମୁଖ୍ୟ କାରଣ ନିଶା, ତମାଖୁ, ଗୁଟ୍‌ଖା ପରି ଅଖାଦ୍ୟକୁ ବିବେଚନା କରାଯାଉଥିଲେ ମଧ୍ୟ ଖାଦ୍ୟ ସହ ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବକୁ ନେଇ ବାରମ୍ବାର ଅନୁଶୀଳନ କରାଯାଉଛି । ଓଡ଼ିଶାରେ ଏହି ଦୁରାରୋଗ୍ୟ ରୋଗଗୁଡ଼ିକର ଭୟାବହତା ପଞ୍ଜାବର ଭଟିଣ୍ଡାରୁ ରାଜସ୍ଥାନର ବିକାନୀର ଯାଉଥିବା ରେଳର ଇତିହାସକୁ ମନେ ପକାଇଦିଏ । ସବୁଜ ବିପ୍ଳବର ଜୈତ୍ରଯାତ୍ରାରେ ଆଗୁସାର ସାଜିଥିବା ପଞ୍ଜାବ ପ୍ରଦେଶରୁ ଦୈନିକ ବିକାନୀର ଯାଉଥିବା ପାସେଞ୍ଜର ରେଳଗାଡ଼ି କର୍କଟ ରୋଗୀଙ୍କ ସଂଖ୍ୟା ହେତୁ 'କ୍ୟାନ୍ସର ଏକ୍ସପ୍ରେସ' ଭାବେ ଲୋକମୁଖରେ ନାମିତ ହୁଏ ।

ଓଡ଼ିଶାରେ କ୍ରମବର୍ଦ୍ଧିଷ୍ଣୁ କର୍କଟରୋଗୀଙ୍କ ସଂଖ୍ୟା ପାଇଁ ରାଜ୍ୟ ସରକାର ଆଚାର୍ଯ୍ୟ ହରିହର କର୍କଟରୋଗ ପ୍ରତିଷ୍ଠାନ ସହ ପ୍ରତି ଜିଲା ସଦର ମହକୁମାର ଡାକ୍ତରଖାନାରେ ସର୍ବନିମ୍ନ ବ୍ୟବସ୍ଥା କରିଛନ୍ତି । ଦୀର୍ଘମିଆଦି ଯୋଜନା ହିସାବରେ ରୋଗୀଙ୍କ ସୁବିଧାପାଇଁ ପାଞ୍ଚବର୍ଷ ମଧ୍ୟରେ ୫୭୭ କୋଟିଟଙ୍କା ବ୍ୟୟ କରିବାର ଆକଳନ କରିଛନ୍ତି । ନିକଟ ଅତୀତରେ ଭୁବନେଶ୍ୱରରେ ବୃହତ କର୍କଟ ହାସପାତାଳ ଖୋଲିବାପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ରୋଗର ନିଦାନପାଇଁ ଏସବୁ ବ୍ୟବସ୍ଥା କରୁଥିବା ସରକାର ବସ୍ତୁତଃ, ତା'ର କାରଣ ଓ ଉପଯୁକ୍ତ ନିରାକରଣ ପାଇଁ ସେପରି ବ୍ୟବସ୍ଥା କରିଥିବାର ମନେହୁଏନାହିଁ । ଏସବୁ ରୋଗ ଓ ତାର' ପାରିପାର୍ଶ୍ୱିକ ଅବସ୍ଥାର ଅନୁଶୀଳନ କଲେ ଜଣାଯାଏ, ମନୁଷ୍ୟ ବ୍ୟବହାର କରୁଥିବା ଖାଦ୍ୟ, ପାନୀୟଜଳ ଓ ବାୟୁର ଶରୀରରେ ପ୍ରଭାବ ହିଁ ଏ ରୋଗର ମୂଳକାରଣ । ଏ ମଧ୍ୟରୁ ଖାଦ୍ୟ ଓ ତା ସହ ଜଡ଼ିତ ପାନୀୟଜଳର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଜଣେ ବ୍ୟକ୍ତି ବିଶେଷର ନିୟନ୍ତ୍ରଣ ସୀମା ମଧ୍ୟରେ ଅନ୍ତର୍ଭୁକ୍ତ । କର୍ଣ୍ଣାଟକର ସିମୋଗା, ଚିକମାଗାଲୁର ଅଞ୍ଚଳ, ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରୀ ଅଞ୍ଚଳ ବା କେରଳ, ପଞ୍ଜାବ, ହରିୟାଣା, ଓଡ଼ିଶାର ତଥାକଥିତ ଉନ୍ନତ କୃଷି ଅଞ୍ଚଳରେ ଦେଖାଯାଉଥିବା ରୋଗକୁ ଅନୁଧ୍ୟାନ କରି ଦେଖାଯାଇଛି ଯେ ସେ ଅଞ୍ଚଳର ଅଧିବାସୀଙ୍କ ଖାଦ୍ୟରେ ରହୁଥିବା ବିଷ ସହ ତାହା ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଛି । ସେହିପରି ବିଷାକ୍ତ ଖାଦ୍ୟ ଓ ସମାନ ପରିବେଶ ହେତୁ ଏ ସବୁ ରୋଗ ବଂଶାନୁକ୍ରମିକ ଆଡ଼କୁ ଗତି କରିଛି । ଡିଡିଟି, ଗ୍ୟାମାକ୍ସିନ ପରି ବିଷାକ୍ତ ଦ୍ରବ୍ୟ ଯାହା ପରିବେଶ ସଫାସୁତୁରାରେ ବ୍ୟବହାର କରାଯାଏ, ମାଟି ଓ ପାଣି ମାଧ୍ୟମରେ ତାହା ଆମ ଖାଦ୍ୟକୁ ପ୍ରବେଶ କରି ଆମ ମସ୍ତିଷ୍କ, ଯକୃତ, ପ୍ଲୀହା, ହୃଦୟ ପରି ମୁଖ୍ୟ ଅଙ୍ଗଗୁଡ଼ିକର କ୍ଷତି ସାଧନ କରୁଛି । କୃଷି ଉତ୍ପାଦନ ବଢ଼ାଇବାପାଇଁ ମାତ୍ରାଧିକ ସାର, କୀଟନାଶକ, ହରମୋନର ପ୍ରୟୋଗ ଜୈବ ଭାରସାମ୍ୟକୁ ନଷ୍ଟ କରିବାସହ ମାଟି, ପାଣି ପବନ ଓ ଖାଦ୍ୟକୁ ବିଷାକ୍ତ କରୁଛି ।

ତଥ୍ୟ ଅନୁସାରେ ଆମ ଦେଶରେ ୨୩୪ଟି ପଞ୍ଜିକୃତ ରାସାୟନିକ ଔଷଧ ମଧ୍ୟରୁ ଅନେକ ବିଦେଶରେ ନିଷିଦ୍ଧ ହେଲାଣି । ଆମ ଦେଶରେ ମଧ୍ୟ ନିଷିଦ୍ଧ ହୋଇଥିବା କୀଟନାଶକକୁ ଅଥବା ନିର୍ଦ୍ଦିଷ୍ଟ ଫସଲରେ ବ୍ୟବହୃତ କୀଟନାଶକକୁ ଖାଦ୍ୟୋପଯୋଗୀ ଫସଲରେ ପକାଇ ଆମ କୃଷକ ଖାଦ୍ୟକୁ ବିଷାକ୍ତ କରୁଛନ୍ତି । ଦେଶରେ ପ୍ରମୁଖ ଭାବେ ଅର୍ଗାନୋଫସଫେଟ୍‌ରେ ବ୍ୟବହାର ସବୁ ଫସଲରେ ଅବାରିତ ଭାବେ କରାଯାଉଛି, ଯାହା ପୋକର ସ୍ନାୟବିକ ବ୍ୟବସ୍ଥାକୁ ନଷ୍ଟ କରିଥାଏ । ଏହା ବ୍ୟତୀତ କାର୍ବାମେଟ୍, ପାଏରାଥ୍ରୋଏଡ୍ ଆଦି ବ୍ୟବହାର କରାଯାଉଛି । ଅନ୍ୟ ଦେଶରେ ନିଷିଦ୍ଧ ହୋଇଥିବା ଗ୍ଲାଇଫୋସେଟ୍ ପାରାକ୍ୱାଟ ପରି ଘାସମାରିବା ଔଷଧ ଆମ ଦେଶରେ ବହୁଳଭାବେ ବ୍ୟବହାର କରାଯାଉଛି । ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ ଏକ ପଙ୍ଗୁ ସଂସ୍ଥା ପରି ଚୁପ୍ ହୋଇ ବସିରହିଛି । ପ୍ରକାରାନ୍ତରେ ସରକାରୀକଳ ମଧ୍ୟ ଉତ୍ପାଦନ ବୃଦ୍ଧିପାଇଁ ବିଭିନ୍ନ ଯୋଜନାରେ ଏସବୁରେ ଚାଷୀମାନଙ୍କୁ ରିଆତି ପ୍ରଦାନ କରୁଛନ୍ତି ଆବଶ୍ୟକସ୍ଥଳେ ମାଗଣାରେ ବି ଯୋଗାଇ ଦିଆଯାଉଛି । ସେଥିପାଇଁ ୨୦୧୪–୧୫ରୁ ୨୦୧୭–୧୮ ମସିହା ମଧ୍ୟରେ କୀଟନାଶକ ପ୍ରୟୋଗର ମାତ୍ରା ଓଡ଼ିଶାରେ ବାର୍ଷିକ ହାରାହାରି ଢ଼େର ବଢ଼ିଛି । ଭାରତର ପଞ୍ଜାବ ପ୍ରଦେଶରେ ସର୍ବାଧିକ (୭୪୦ ଗ୍ରାମ୍/ହେ) କୀଟନାଶକ ବ୍ୟବହାର ହେଉଥିଲାବେଳେ ତା'ପଛରେ ହରିୟାଣା, ମହାରାଷ୍ଟ୍ର ପରି ପ୍ରଦେଶ ରହିଛି । ସେହିପରି ମାଟିକୁ ଅମ୍ଳଯୁକ୍ତ କରି ନଷ୍ଟ କରୁଥିବା ରାସାୟନିକ ସାର ବ୍ୟବହାରରେ ମଧ୍ୟ ପଞ୍ଜାବ ୧୯୦ କି.ଗ୍ରା/ହେଉଥିବାବେଳେ ତା'ପଛରେ ହରିୟାଣା, ଆନ୍ଧ୍ରପ୍ରଦେଶ ଆଦି ଆଗୁଆ ରାଜ୍ୟ ରହିଛନ୍ତି । ପରିସଂଖ୍ୟାନରୁ ଜଣାଯାଇଛି କୃଷି ବିକଶିତ ରାଜ୍ୟମାନଙ୍କରେ ରାସାୟନିକ ସାର ଓ ଔଷଧ ପ୍ରୟୋଗ ସର୍ବାଧିକ ଥିବାବେଳେ ପାହାଡ଼ିଆ, ଅଣଜଳସେଚିତ, ପଛୁଆ ରାଜ୍ୟରେ ଏହା କମ୍ ରହିଛି ।



ଏବେ ଆମ ରାଜ୍ୟ କଥା ଚିନ୍ତା କରାଯାଉ । ଓଡ଼ିଶାରେ କୀଟନାଶକ ପ୍ରୟୋଗ ୨୦୧୩–୧୪ ମସିହାରେ ହେକ୍ଟରପିଛା ୧୪୪ଗ୍ରାମ ରହିଥିବାବେଳେ ୨୦୧୯–୨୦ରେ ୧୬୦ ଗ୍ରାମକୁ ବୃଦ୍ଧି ପାଇଛି । ସେହିପରି ରାସାୟନିକ ସାର ୨୦୧୩–୧୪ରେ ୪୧.୨୭ କି.ଗ୍ରା ଥିବାବେଳେ ୨୦୧୯–୨୦ ମସିହାରେ ଏହା ୭୨.୮ କିଗ୍ରା/ହେ.କୁ ବୃଦ୍ଧି ପାଇଛି । ଏହା ମଧ୍ୟରେ କନ୍ଧମାଳ ଜିଲା ସର୍ବନିମ୍ନ (୧୦ କି.ଗ୍ରା/ହେ.)ଓ ବରଗଡ଼ ଜିଲା (୧୧୦କିଗ୍ରା/ହେ.) ସର୍ବାଧିକ ରହିଛିଛ ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲା କର୍କଟ ରୋଗୀଙ୍କର ସଂକ୍ରମିତ ଅଞ୍ଚଳଭାବେ ପରିଦୃଶ୍ୟ ହେବାର କାରଣ ଏହାର ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ବୋଲି ବିବେଚନା କରାଯାଉଛି । ଏହା କେବଳ କର୍କଟ ରୋଗ ପର୍ଯ୍ୟନ୍ତ ସୀମିତ ହୋଇ ନାହିଁ, ସଂପ୍ରତିବୃଦ୍ଧି ପାଇଥିବା ବନ୍ଧ୍ୟାଦୋଷ, ବିକଳାଙ୍ଗ ଶିଶୁଜନ୍ମ, ସ୍ମୃତିଶକ୍ତି ହ୍ରାସ, ଚର୍ମରୋଗ, ଉଚ୍ଚ ରକ୍ତଚାପ ମଧ୍ୟ ଏହି ବିଷାକ୍ତ ଖାଦ୍ୟର ପ୍ରତିଫଳନ ବୋଲି ବିଜ୍ଞାନୀମାନେ ମତବ୍ୟକ୍ତ କରୁଛନ୍ତି । ଏହି ବିଷାକ୍ତ ଦ୍ରବ୍ୟ ମାଟି, ପାଣି, ସୂର୍ଯ୍ୟ କିରଣରେ ଅପଘଟନ ହୋଇନପାରି ମଣିଷ ଓ ପଶୁମାନଙ୍କ ଶରୀରର କୋଷରେ ଜମାହୋଇ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରୁଛନ୍ତି । ଏପରିକି ମୃଦୁପାନୀୟରେ ସ୍ଥିରୀକୃତ ମାନଠାରୁ ୨୪ଗୁଣ ଅଧିକ ବିଷ ରହିଥିବାର ଜଣାଯାଇଛି ।

କେବଳ ଧାନରେ ସ୍ୱାବଲମ୍ବୀ ଥିବା ଓଡ଼ିଶା, ଅନ୍ୟ ସବୁ ଖାଦ୍ୟଦ୍ରବ୍ୟକୁ ଅତ୍ୟଧିକ କୀଟନାଶକ ଓ ସାର ପ୍ରୟୋଗ କରୁଥିବା ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶରୁ ଆମଦାନୀ କରିଥାଏ । ଆମ ରାଜ୍ୟରେ ଗହମ ଉତ୍ପାଦନ ନଗଣ୍ୟ ଥିଲାବେଳେ ଆମ ରାଜ୍ୟର ସ୍ୱଚ୍ଛଳ ବର୍ଗ ଭାତ ଅପେକ୍ଷା ରୁଟିକୁ ଅଧିକ ପସନ୍ଦ କରନ୍ତି । ଦୈନିକ ଗୋଟିଏ ସେଓ ଖାଇ ଡାକ୍ତରଙ୍କଠାରୁ ଦୂରରେ ରହିବା ବିଚାର ଉତ୍ତର ଭାରତୀୟଙ୍କ ପାଇଁ ପ୍ରଯୁଜ୍ୟ ହୋଇଥିବାବେଳେ ଆମେ ଆମ ପୁଷ୍ଟିଯୁକ୍ତ ପିଜୁଳି ପ୍ରତିବଦଳରେ ବିଷଯୁକ୍ତ ସେଓ ଓ ଅଙ୍ଗୁରକୁ ଅଧିକ ମାନ୍ୟତା ଦେଉଛ ଆମ ନିଜସ୍ୱ ଉତ୍ପାଦିତ ସୋରିଷ, ରାଶି, ଅଳସୀ ତେଲକୁ ଛାଡ଼ି ବିଷାକ୍ତ ଆର୍ଜିମୋନ ମିଶା ଉତ୍ତରପ୍ରଦେଶର ସୋରିଷ ତେଲ ଖାଉଛୁ ଏ ସବୁର କୁଫଳ ହେଉଛି ଓଡ଼ିଶା ଏବେ ଦୁଃସାଧ୍ୟ ରୋଗଙ୍କ କବଳରେ । ଅତଏବ ଏବେ ସମୟ ଆସିଛି, ସମସ୍ତେ ନିଜ ସ୍ୱାସ୍ଥ୍ୟ ପାଇଁ ନିଜ ଖାଦ୍ୟ ଓ ତା ଉତ୍ପାଦନ ପ୍ରକ୍ରିୟା ଉପରେ ଦୃଷ୍ଟି ଦିଅନ୍ତୁ ।

# ବ୍ରିଟେନ୍‌ରେ ଋଷି ରାଜ୍

## ଦୀପାବଳିରେ ବ୍ରିଟେନ୍‌କୁ ମିଳିଲା ପ୍ରଥମ ହିନ୍ଦୁ ପ୍ରଧାନମନ୍ତ୍ରୀ



**ଲଣ୍ଡନ:** ଓଲଟି ଯାଇଛି ଇତିହାସ । ବ୍ରିଟେନ୍‌ରେ ଆରମ୍ଭ ହୋଇଛି ଜଣେ ଭାରତୀୟଙ୍କ ରାଜ । ବ୍ରିଟିଶ ସାମ୍ରାଜ୍ୟବାଦ୍ କବଳରୁ ମୁକ୍ତି ପାଇବାର ୭୫ ବର୍ଷ ପରେ ଏଭଳି ଘୁରିଛି ସମୟର ଚକ୍ର ଯେ ସାରା ବିଶ୍ୱ ଚକିତ ହୋଇଛି । ଯେଉଁ ଭାରତୀୟଙ୍କ ଉପରେ ବ୍ରିଟିଶ ୨ ଶହ ବର୍ଷ ଧରି ଶାସନ କରିଥିଲେ, ଏବେ ସେମାନଙ୍କ ମଧ୍ୟରୁ ଜଣେ ସାଜିଛନ୍ତି ବ୍ରିଟିଶବାସୀଙ୍କ ଭାଗ୍ୟ ବିଧାତା । ଭାରତୀୟ ବଂଶୋଦ୍ଭବ ଋଷି ସୁନକ ଇଂଲଣ୍ଡର ୧୭ତମ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଦୀପାବଳିରେ ବ୍ରିଟେନ୍‌କୁ ମିଳିଛି ପ୍ରଥମ ହିନ୍ଦୁ ପ୍ରଧାନମନ୍ତ୍ରୀ । ନିର୍ବାଚନରେ ସୁନକ ବିଜୟୀ ହୋଇଥିବା ବିଦ୍ଧିବଧ ଘୋଷଣା କରାଯାଇଛି । ସୋମବାର ସେ କଞ୍ଜରଭେଟିଭ୍ ଦଳର ନେତା ଭାବରେ ନିର୍ବାଚିତ ହୋଇଥିଲେ । ଏହାପରେ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଲିଜ ଟ୍ରସ୍‌ଙ୍କ ଇସ୍ତଫା ପରେ କଞ୍ଜରଭେଟିଭ୍ ପାର୍ଟି ଏକ ନୂଆ ନେତା ଚୟନ କରିଥିଲେ ଯେଉଁଥିରେ ଋଷି ସୁନକ ବିନା ବିରୋଧରେ ନିର୍ବାଚିତ ହୋଇଥିଲେ । ପ୍ରାୟ ୨ ମାସ ତଳେ ପ୍ରଧାନମନ୍ତ୍ରୀ ରେସ୍‌ରେ ମାତ୍ ଖାଇଥିବା ରିଷି, ଆଜି ବିଜୟୀ ହୋଇଛନ୍ତି ସେଇ ରେସ୍‌ରେ । ବ୍ରିଟେନ୍‌ବାସୀଙ୍କ ଭରସା, ପୂର୍ବରୁ ଅର୍ଥମନ୍ତ୍ରୀ ଭାବେ କମାଲ୍ ଦେଖାଇଥିବା ରିଷି ସୁନକ ହିଁ ଏକମାତ୍ର ବ୍ୟକ୍ତି, ଯିଏକି ସୁଧାରି ପାରିବେ ଦେଶର ସଂକଟାପନ୍ନ ଆର୍ଥିକ ସ୍ଥିତିକୁ ।

ଲିଜ୍ ଟ୍ରସଙ୍କ ଆର୍ଥିକ ନିଷ୍ପତ୍ତିଗତ ବିଫଳତା ସାମ୍ନାକୁ ଆସିବା ପରେ, ଜୋର୍ ଧରିଥିଲା ରିଷି କମବ୍ୟାକ୍ ସ୍ୱର । ସତକୁ ସତ ତୀବ୍ର ସମାଲୋଚନା ଓ ଚାପ ଶିକାର ହୋଇ ପିଏମ୍ ପଦ ଛାଡ଼ିବାକୁ ବାଧ୍ୟ ହେଲେ ଟ୍ରସ୍ । ତେଣୁ ରିଷି ସୁନକଙ୍କ ଆଗରେ ବ୍ରିଟେନ୍ ଅର୍ଥନୀତିକୁ ବଞ୍ଚାଇବା ହିଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଓ ସମ୍ମାନର ପ୍ରଶ୍ନ । ସର୍ବପ୍ରଥମେ ବୋରିସ୍ ଜନସନ ଇସ୍ତଫା ଦେବା ପରେ ଲିଜ୍ ଟ୍ରସ ଋଷି ସୁନକଙ୍କୁ ପରାସ୍ତ କରି ପ୍ରଧାନମନ୍ତ୍ରୀ ହୋଇଥିଲେ । ହେଲେ ସେ ପଦରେ ଅଧିକ ସମୟ ତିଷ୍ଠି ପାରିଲେ ନାହିଁ । ୪୫ ଦିନରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଇସ୍ତଫା ଦେବାକୁ ପଡିଥିଲା । ଏହା ପରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହେବା ପାଇଁ ଋଷି ସୁନକ ଦୌଡରେ ସାମିଲ୍ ହୋଇଥିଲେ । ଆଉ ଏଥର ତାଙ୍କୁ ବିଜୟ ମିଳିଛି । ଭାରତ ପାଇଁ ଋଷି ସୁନକ ଜିତିବା କୌଣସି ଦୀପାବଳିଠୁ କମ ନୁହେଁ ।

### ପ୍ରାଥମିକ ଜୀବନ ଓ ଶିକ୍ଷା:

ଋଷି ସୁନକଙ୍କ ପିତାମାତା ହେଉଛନ୍ତି ପଞ୍ଜାବୀ ହିନ୍ଦୁ ଯାହାଙ୍କ ନାମ ଯଶବୀର ସୁନକ ଏବଂ ମାଆଙ୍କ ନାମ ଉଷା ସୁନକ । ତାଙ୍କ ମା' ଜଣେ ଫାର୍ମାସିଷ୍ଟ ହୋଇଥିବା ବେଳେ ବାପା ଜଣେ ସାଧାରଣ ଚିକିତ୍ସକ ଥିଲେ । ଋଷି ୧୨ ମେ' ୧୯୮୦ରେ ଇଂଲଣ୍ଡର ସାଉଥମ୍ପଟନ୍‌ରେ ଜନ୍ମଗ୍ରହଣ କରିଥିଲେ ଏବଂ ୨୦୦୯ରେ ଭାରତୀୟ ବୈଷୟିକ କମ୍ପାନୀ ଇନଫୋସିସର ପ୍ରତିଷ୍ଠାତା ନାରାୟଣ ମୁର୍ତ୍ତୀଙ୍କ ଝିଅ ଅକ୍ଷତା ମୁର୍ତ୍ତୀଙ୍କୁ ବିବାହ କରିଥିଲେ । ଏବେ ତାଙ୍କର ଦୁଇ ଝିଅ ଅଛନ୍ତି ଯେଉଁମାନେ ବିବାହିତ । ସେ ଷ୍ଟାନ୍‌ଫୋର୍ଡରେ ପଢୁଥିବା ସମୟରେ ଅକ୍ଷତା ମୁର୍ତ୍ତୀଙ୍କୁ ଭେଟିଥିଲେ । ଋଷି ବିଞ୍ଚେଷ୍ଟର କଲେଜରୁ ଯାଇ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ରାଜନୀତି, ଦର୍ଶନ ଏବଂ ଅର୍ଥନୀତି ଅଧ୍ୟୟନ କରିଥିଲେ । ସେ ଷ୍ଟାନଫୋର୍ଡ ୟୁନିଭର୍ସିଟି (ଯୁକ୍ତରାଷ୍ଟ୍ର) ରେ ଫୁଲବ୍ରାଇଟ୍ ସ୍କଲାର୍ ମଧ୍ୟ ଥିଲେ, ଯେଉଁଠାରେ ସେ ତାଙ୍କର ଏମବିଏ କରିଥିଲେ ।

### ରାଜନୈତିକ ଜୀବନ:

୧୩ ଫେବୃଆରୀ ୨୦୨୦ ରେ ଋଷି ସୁନାକଙ୍କୁ ରାଜକୋଷର ଚାନ୍ସଲର୍ ଭାବରେ ନିଯୁକ୍ତ କରାଯାଇଥିଲା । ସେ ପୂର୍ବରୁ ୨୪ ଜୁଲାଇ ୨୦୧୯ରୁ ୧୩ ଫେବ୍ରୁଆରୀ ୨୦୨୦ ପର୍ଯ୍ୟନ୍ତ ଟ୍ରେଜେରୀର ମୁଖ୍ୟ ସଚିବ ଥିଲେ । ୯ ଜାନୁୟାରୀ ୨୦୧୯ ରୁ ୨୪ ଜୁଲାଇ ୨୦୧୯ ପର୍ଯ୍ୟନ୍ତ ଗୃହ, ସମୁଦାୟ ଏବଂ ସ୍ଥାନୀୟ ପ୍ରଶାସନ ମନ୍ତ୍ରଣାଳୟର ସଂସଦୀୟ ସଚିବ ଭାବରେ କାର୍ଯ୍ୟ କରିଥିଲେ । ଋଷି ମେ' ୨୦୧୫ ରେ ରିଚମଣ୍ଡ (ୟର୍କ) ପାଇଁ କଞ୍ଜରଭେଟିଭ୍ ପାର୍ଟି ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ଜୁନ୍ ୨୦୧୭ ରୁ ତାଙ୍କର ମନ୍ତ୍ରୀପଦରେ ନିଯୁକ୍ତି ପର୍ଯ୍ୟନ୍ତ ବ୍ୟାପାର, ଶକ୍ତି ଏବଂ ଔଦ୍ୟୋଗିକ ରଣନୀତି ବିଭାଗରେ ସଂସଦୀୟ ବ୍ୟକ୍ତିଗତ ସଚିବ ଭାବରେ କାର୍ଯ୍ୟ କରିଥିଲେ ।

### ମହାତ୍ମା ଗାନ୍ଧୀଙ୍କ ନାମରେ ମୁଦ୍ରା ପ୍ରଚଳନ:

ଦୀୱାଲି ଅବସରରେ ବ୍ରିଟେନ୍‌ର ଅର୍ଥମନ୍ତ୍ରୀ ଥିବା ଋଷି ସୁନାକ ମହାତ୍ମା ଗାନ୍ଧୀଙ୍କ ନାମରେ ଏକ ମୁଦ୍ରା ପ୍ରଚଳନ କରିଥିଲେ, ଯେଉଁଥିରେ ଭାରତର ଜାତୀୟ ପ୍ରତୀକ ଏବଂ ମା ସରସ୍ୱତୀଙ୍କ ସିଂହାସନ ପଦ୍ମ ଫୁଲର ଚିତ୍ର ଥିଲା ।

### ଋଷିଙ୍କ ବିଷୟରେ କିଛି ରୋଚକ କଥା:

– ୟୁରୋପୀୟ ୟୁନିଅନ୍ ଛାଡିବାକୁ ବ୍ରିଟେନ୍ ସପକ୍ଷରେ ରିଷି ସେତେବେଳେ ଭୋଟ୍ ଦେଇଥିଲେ ।

– ରିଷି ସୁନାକ ୨୦୦୧ ରୁ ୨୦୦୪ ପର୍ଯ୍ୟନ୍ତ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍ସ ପାଇଁ ଆନାଲିଷ୍ଟ ଭାବରେ କାର୍ଯ୍ୟ କରୁଥିଲେ ।

– ତାଙ୍କ ପତ୍ନୀ ବ୍ରିଟେନ୍‌ର ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରୁ ଜଣେ ।

– ଋଷି ସୁନାକଙ୍କ ଭାଇ ସଞ୍ଜୟ ଜଣେ ମନୋବିଜ୍ଞାନୀ

– ତାଙ୍କ ଭଉଣୀ ରାଖୀ ବୈଦେଶିକ ବ୍ୟାପାର, କମନୱେଲଥ ଆଣ୍ଡ ଡେଭଲପମେଣ୍ଟ୍ ଅଫିସରେ ମାନବୀୟ, ଶାନ୍ତି ପ୍ରତିଷ୍ଠା, ମିଳିତ ଜାତିସଂଘର ପାଣ୍ଠି ଏବଂ କାର୍ଯ୍ୟକ୍ରମର ମୁଖ୍ୟ ଭାବରେ କାର୍ଯ୍ୟ କରନ୍ତି ।

### ଦାୟିତ୍ୱ ଗ୍ରହଣ ପରେ ବିବାଦରେ ସୁନକ :

ଋଷି ସୁନକ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହେବାର ମାତ୍ର ତିନି ଦିନ ବିତିଛି । କିନ୍ତୁ ବର୍ତ୍ତମାନ ତାଙ୍କ ସାମ୍ନାରେ ଏକ ନୂଆ ସମସ୍ୟା ଉପୁଜିଛି । ତାଙ୍କର ଏକ ପୁରୁଣା ଭିଡିଓ ସୋସାଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଟ୍ରାନ୍ସଜେଣ୍ଡରଙ୍କ ବିରୋଧରେ ନକାରାତ୍ମକ ଉତ୍ତର ଦେଉଥିବାର ନଜର ଆସିଛନ୍ତି । ଏହି ଭାଇରାଲ ଭିଡିଓ ଚଳିତ ବର୍ଷ ଅଗଷ୍ଟ ୨୫ର । ଏହା ଟକ୍ ଟିଭି ଦ୍ୱାରା ଏକ ସାକ୍ଷାତକାର ସମୟରେ ରେକର୍ଡ କରାଯାଇଥିଲା । ସେତେବେଳେ ସୁନକ ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିଲେ । ସୁନକଙ୍କୁ ପଚରାଯାଇଥିଲା କି ଟ୍ରାନ୍ସହ୍ୟୁମ୍ୟାନ ମହିଳା କି? ଏହାର ଉତ୍ତରରେ ସୁନକ କହିଥିଲେ ନା, ସେ ଟ୍ରାନ୍ସଜେଣ୍ଡରମାନଙ୍କୁ ମହିଳା ବୋଲି ଭାବନ୍ତି ନାହିଁ । ଭିଡିଓ ଭାଇରାଲ ହେବା ପୂର୍ବରୁ, ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ସୁନାକଙ୍କ ଆଭିମୁଖ୍ୟ ଅତ୍ୟନ୍ତ ସକରାତ୍ମକ ଥିଲା । ସେ କହିଥିଲେ ଯେ ଏଭଳି ଲୋକଙ୍କ ପ୍ରତି କୁସଂସ୍କାର ଭୁଲ ଅଟେ । ରୁଢ଼ିବାଦୀମାନେ ସେମାନଙ୍କୁ ସମଲିଙ୍ଗୀ, ବାଇସେକ୍ସୁଆଲ ଏବଂ ଟ୍ରାନ୍ସ–କଞ୍ଜରଭେଟିବ ବୋଲି କହିଥାନ୍ତି । ସଂଗଠନର ୱେବ୍‌ସାଇଟରେ ସୁନକଙ୍କ ବିବୃତ୍ତିରେ କୁହାଯାଇଛି ଯେ କଞ୍ଜରଭେଟିବ ପାର୍ଟି ହେଉଛି ସେମାନଙ୍କର ପୃଷ୍ଠଭୂମି । ଏହା ନିର୍ବିଶେଷରେ ସମାଜର ସମସ୍ତଙ୍କୁ ଗୋଟିଏ ପରିବାର ଭଳି ସ୍ୱାଗତ କରିଥାଏ ।



### ସତ ହେଲା ୭ ବର୍ଷ ପୂର୍ବର ଭବିଷ୍ୟବାଣୀ :

ଭାରତୀୟ ବଂଶୋଦ୍ଭବ ଋଷ ସୁନକ୍ ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ସେ ହେଉଛନ୍ତି ବ୍ରିଟେନ୍‌ର ପ୍ରଥମ ଅଣଶ୍ୱେତାଙ୍ଗ ଓ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ । 'ଭାରତୀୟ ବଂଶୋଦ୍ଭବ ହେବେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ । ଦିନ ଆସିବ ଏହି ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଜଣେ ଭାରତୀୟ ବଂଶୋଦ୍ଭବଙ୍କ ହାତରେ ରହିବ ।' ୭ ବର୍ଷ ପୂର୍ବେ ବ୍ରିଟେନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡେଭିଡ୍ କେମରନ୍ ଏହି ଭବିଷ୍ୟବାଣୀ କରିଥିଲେ । ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବାସୀଙ୍କୁ ସମ୍ବୋଧନ କରିବାକୁ ଇଂଲଣ୍ଡ ଯାଇଥିଲେ । ସେତେବେଳର ୟୁକେର ପ୍ରଧାନମନ୍ତ୍ରୀ ଥିବା ଡେଭିଡ୍ କେମରନ୍ ଲୋକଙ୍କୁ ଅଭିଭାଷଣ ଦେଇ ଏପରି କହିଥିଲେ । ବ୍ରିଟେନ୍‌ର ପାର୍ଲାମେଣ୍ଟକୁ ଅନେକ ଭାରତୀୟ ବଂଶୋଦ୍ଭବ ନିର୍ବାଚିତ ହୋଇଥିବାରୁ କେମରନ୍ ଏହା କହିଥିଲେ । ଶେଷରେ ୭ ବର୍ଷ ପୂର୍ବେ କେମରନ୍ କରିଥିବା ଏହି ଭବିଷ୍ୟବାଣୀ ଆଜି ସତ ହୋଇଛି । ଆଉ ଭାରତୀୟ ବଂଶୋଦ୍ଭବ ରିଷି ସୁନକ୍ ବ୍ରିଟେନ୍ର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି ।

## ବିବାଦରେ ଋଷିଙ୍କ ସ୍ତ୍ରୀ ଅକ୍ଷତା



ମୂଳ ଭାରତୀୟ ଋଷି ସୁନକ ଯେତେବେଳେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ସେତେବେଳେ ତାଙ୍କ ସ୍ତ୍ରୀଙ୍କ ଆୟକୁ ନେଇ ବିବାଦ ଦେଖାଦେଇଥିଲା । ପ୍ରକୃତରେ ସୁନକଙ୍କ ସ୍ତ୍ରୀ ଅକ୍ଷତା ମୁର୍ତ୍ତି ଇନଫୋସିସ୍ କମ୍ପାନୀର ସହ–ପ୍ରତିଷ୍ଠାତା ନାରାୟଣ ମୁର୍ତ୍ତିଙ୍କ ଝିଅ । ୨୦୨୨ ମସିହାରେ, ସେ ଇନଫୋସିସ୍ ଶେୟାରରୁ ୧୨୬.୬୧ କୋଟି ଟଙ୍କା ଲାଭ କରିଥିଲେ । ସେ କମ୍ପାନୀରେ ୦.୯୩ ପ୍ରତିଶତ ଅଂଶଧନ ପାଇଛନ୍ତି । ମଙ୍ଗଳବାର ଷ୍ଟକ୍ ମାର୍କେଟ୍ ତଥ୍ୟ ଅନୁଯାୟୀ ଅକ୍ଷତା ମୁର୍ତ୍ତିଙ୍କ ଶେୟାର ମୂଲ୍ୟ ୫,୯୫୬ କୋଟି ଟଙ୍କା । ବାସ୍ତବରେ ଅକ୍ଷତା ମୁର୍ତ୍ତି କେବଳ ଡିଭିଡେଣ୍ଡରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ରୋଜଗାର କରନ୍ତି । ବିବାଦ ଥିଲା ଯେ ସେ ଭାରତର ନାଗରିକ ତେଣୁ ବ୍ରିଟେନ୍‌ରେ ଟିକସ ଦେଇ ନଥିଲେ । ଯଦିଓ ସେ ଭାରତ କମ୍ପାନୀରୁ କୋଟି କୋଟି ରୋଜଗାର କରୁଥିଲେ । କୁହାଯାଇଥିଲା ଯେ ତାଙ୍କ ସମ୍ପତ୍ତି କୁଇନ୍ ଏଲିଜାବେଥ୍‌ଙ୍କ ମୋଟ ସମ୍ପତ୍ତିଠାରୁ ଅଧିକ ଥିଲା । ଏହି ବିଷୟରେ ଋଷି ସୁନକ ଏବଂ ତାଙ୍କ ସ୍ତ୍ରୀଙ୍କ ଉପରେ ପ୍ରଶ୍ନ ଉଠିଥିଲା ।

# ଫଟୋରେ ଖବର










କାଳୀପୂଜା ପାଇଁ ଝଲସୁଛି ରୂପାର ସହର କଟକ । ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା’ କାଳୀ












ମା ଗଡ଼ଚଣ୍ଡୀ, ମା’ ଝାଞ୍ଜିରିମଙ୍ଗଳା, ଆଠଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ ବାଉତୀଙ୍କ ଶ୍ୟାମାକାଳୀ ବେଶ ।

# ଐତିହାସିକ ଶିହିନୀଗଡ଼ରେ ପାରମ୍ପରିକ ଗିରିଗୋବର୍ଦ୍ଧନ ପୂଜା





**ଅମ୍ବାଭୋନା(ବରଗଡ଼):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍‌ର ସୀମାନ୍ତବର୍ତ୍ତୀ କୁମ୍ଭୋ ଗ୍ରାମ । କୁମ୍ଭୋ ଗ୍ରାମ ଠାରୁ ୫ କିଲୋମିଟର ପାଦଚଲା ଜଙ୍ଗଲ ରାସ୍ତା ଅତିକ୍ରମ କରି ପହଞ୍ଚିବାକୁ ପଡ଼ିଥାଏ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ତଥା ବାରପାହାଡ଼ ଘେରା ପର୍ବତମାଳାର ତଥା ସବୁଜବନାନୀ ଶିହିନୀଗଡ । ଶିହିନିଗଡ଼ରେ ଦୀର୍ଘ ୭୦ ବର୍ଷ ଧରି ପାରମ୍ପରିକ ଭାବେ ପାଳିତ ହୋଇ ଆସୁଥିବା ଗିରିଗୋବର୍ଦ୍ଧନ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଉଛି। କୁମ୍ଭୋ ଗ୍ରାମର ଗ୍ରାମବାସୀ ଓ ଆଖପାଖ ଗ୍ରାମର ଶହ ଶହ ଲୋକ ଏକାଠି ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ନାମଧରି ଘଣ୍ଟଘଣ୍ଟା, ମୃଦଙ୍ଗ ଓ ବାଜା ଗାଜା ବଜାଇ ଏକ ଭବ୍ୟ ଶୋଭାଯାତ୍ରାରେ ଶିହିନୀଗଡ଼ରେ ପହଞ୍ଚିଥିଲେ । ସେଠାରେ ମା’ ଶିହିନିଗଡି,ଋଷିମୁନୀ ଗୁମ୍ଫା, ଶିବ ମନ୍ଦିର, ହନୁମାନ ମନ୍ଦିର ଆଦି ସ୍ଥାନରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାପାଠ କରିଥିଲେ । ଛତିଶଗଡ଼ ସୀମାନ୍ତବର୍ତ୍ତୀ ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ସମାଗମ ହୋଇଥିଲା । ଶିହିନୀଗଡ଼ ଠାରେ ବିସ୍ତୀର୍ଣ୍ଣ ଶିଳାସ୍ତରରେ ସୀତା ଆଙ୍କିତ ଥିବା ଝୋଟି ଚିତ୍ର , ରାମ ବନବାସ, ଚନ୍ଦନବାରି, କ୍ରନ୍ଦନରତ ମହିଳାର ପ୍ରତିମା ରହିଛି । ଯାହାକୁ ସ୍ଥାନୀୟ ଲୋକ ରାମ ବନବାସ ସମୟର ବୋଲି ପ୍ରକାଶ କରିଥିଲେ । ୧୮୫୭ ମସିହାରେ ବୀରସୁରେନ୍ଦ୍ର ସାଏ ଇଂରେଜ ମାନଙ୍କ ସହ ସଂଗ୍ରାମ କରିବା ସମୟରେ ଏଠାରେ ଆତ୍ମଗୋପନ କରିଥିବା ସ୍ଥାନୀୟ ଲୋକଙ୍କଥାରୁ ଜଣାପଡ଼ିଥିଲା । ଏହା ବ୍ୟତୀତ ନିକଟସ୍ଥ ପାହାଡଗୁମ୍ଫାରେ ମୁନିଋଷି, ବାଘଧରା, ସାପଧୂଏଲ, ଭାଲୁଧୂଏଲ ଆଦି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମନୋରମ ଦୃଶ୍ୟ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା । ଶିହିନୀଗଡ଼ ଗିରିଗୋବର୍ଦ୍ଧନ ପୂଜାରେ ବୃକ୍ଷ ହିଁ ଜୀବନ (ଟିଏଫ୍‌ଏଲ୍)ଓ ଆଜାଦ୍ ହିନ୍ଦ ଯୁବକ ସଂଘର ସ୍ୱେଚ୍ଛାସେବୀ ଯୁବକ ତଥା କର୍ମକର୍ତ୍ତା ଅନ୍ନପ୍ରସାଦ ବଣ୍ଟନ ଓ ଶାନ୍ତିଶୃଙ୍ଖଳାକୁ ସୂଚାରୂପେ ପରିଚାଳନା କରିଥିଲେ ।

# ବଲିଉଡ୍‌ରେ ପାକିସ୍ତାନୀ ହିରୋଇନ୍

**ମନୋରଞ୍ଜନର ଦୁନିଆ ପାଇଁ କୌଣସି ଭୌଗୋଳିକ ସୀମା ବାଧକ ନୁହେଁ । ଏହା ଏସବୁରୁ ଊର୍ଦ୍ଧ୍ୱରେ । ଏହି କାରଣରୁ ଅନେକ ଭାରତୀୟ ତାରକା ବିଦେଶୀ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରୁଥିବାବେଳେ ଅନେକ ବିଦେଶୀ ଅଭିନେତା ମଧ୍ୟ ବଲିଉଡ୍‌ରେ ଭାଗ୍ୟ ପରୀକ୍ଷା କରିବାକୁ ଆସନ୍ତି । ବିଦେଶୀ ମୂଳର ଅନେକ ତାରକା ବଲିଉଡ୍‌ରେ ଅନେକ ନାଁ ଅର୍ଜନ କରିଛନ୍ତି । ପଡୋଶୀ ଦେଶ ପାକିସ୍ତାନର ଅନେକ ତାରକା ମଧ୍ୟ ବଲିଉଡ୍ ଚଳଚ୍ଚିତ୍ରରେ ଅଭିନୟ କରି ଚକ୍‌ମା ଦେଖେଇଛନ୍ତି । ଅନେକ ଅଭିନେତ୍ରୀ ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ।**







**ସଲମା ଆଗା:** ଅଭିନେତ୍ରୀ ସଲମା ଆଗା ପାକିସ୍ତାନରେ ଜନ୍ମଗ୍ରହଣ କରି ବ୍ରିଟେନ୍‌ରେ ବଢିଥିଲେ । ସେ ରୋମାଣ୍ଟିକ ଚଳଚ୍ଚିତ୍ର 'ହିର୍ ରାଞ୍ଝା'ରେ ଅଭିନୟ କରି ସମସ୍ତଙ୍କ ହୃଦୟକୁ ଜିତିଥିଲେ । ସେ ୧୯୮୨ରେ ବିଆର୍ ଚୋପ୍ରାଙ୍କ ଚଳଚ୍ଚିତ୍ର 'ନିକାହ'ରେ ବଲିଉଡରେ ଡେବ୍ୟୁ କରିଥିଲେ । ସେ ଏଥିରେ କିଛି ଗୀତ ମଧ୍ୟ ଗାଇଥିଲେ, ଯେଉଁଥିପାଇଁ ସେ ଶ୍ରେଷ୍ଠ ମହିଳା ପ୍ଲେବ୍ୟାକ୍ ଗାୟକ ପୁରସ୍କାର ମଧ୍ୟ ପାଇଥିଲେ । ଏହା ବ୍ୟତୀତ ସଲମା ଅନେକ ରୋମାଣ୍ଟିକ ଫିଲ୍ମରେ ମଧ୍ୟ କାମ କରିଥିଲେ । ଏଥିମଧ୍ୟରେ 'କସମ ପୈଦା କରନେ ବାଲେ କୀ', 'ସଲମା', 'ପାଞ୍ଚ ଫୌଲାଦା' ଆଦି ରହିଛି ।

**ମହିରା ଖାନ୍:** ଅଭିନେତ୍ରୀ ମାହିରା ଖାନ ନିଜ ଆକ୍ଟିଂ ଡେବ୍ୟୁ ପାକିସ୍ତାନୀ ଫିଲ୍ମ 'ବୋଲ୍'ରେ ଆତିଫ ଅସଲମଙ୍କ ବିପକ୍ଷରେ ଅଭିନୟ କରିଥିଲେ । ସେ ଅନେକ ପାକିସ୍ତାନୀ ଚଳଚ୍ଚିତ୍ରରେ କାମ କରିବା ପରେ ଶାହରୁଖ ଖାନଙ୍କ ଅଭିନୀତ 'ରଇସ୍' ରେ ବଲିଉଡ ଡେବ୍ୟୁ କରିଥିଲେ । ଏହି ଚଳଚ୍ଚିତ୍ରର ସଫଳତା ପରେ ଅଭିନେତ୍ରୀ ଆଉ କୌଣସି ବଲିଉଡ ଫିଲ୍ମରେ ଅଭିନୟ କରିନଥିଲେ କାରଣ ୨୦୧୬ ଉରି ଆକ୍ରମଣ ପରେ ସମସ୍ତ ପାକିସ୍ତାନୀ ଅଭିନେତାଙ୍କୁ ଭାରତରେ ନିଷିଦ୍ଧ କରାଯାଇଥିଲା ।

**ମୀରା:** ପାକିସ୍ତାନୀ ଅଭିନେତ୍ରୀ ତଥା ଟିଭି ଉପସ୍ଥାପିକା ମୀରା ଉର୍ଦ୍ଦୁ, ପଞ୍ଜାବୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସେ ୧୯୯୫ରେ କ୍ୟାରିୟର ଆରମ୍ଭ କରିଥିଲେ । ସେ ୨୦୦୫ ମସିହାରେ ବଲିଉଡ ଫିଲ୍ମ 'ନଜର'ରେ ଡେବ୍ୟୁ କରିଥିଲେ । ଏହା ପରେ ସେ 'କସକ', 'ପାଞ୍ଚ ଘଣ୍ଟେ ମେ ପାଞ୍ଚ କରୋଡ୍', 'ଭଡାସ' ଇତ୍ୟାଦି ଅନେକ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ।

**ବୀନା ମଲିକ୍:** ପାକିସ୍ତାନର ରାଓ୍ୱଲପିଣ୍ଡିରେ ଜନ୍ମ ହୋଇଥିବା ଜାହିଦା ମଲିକଙ୍କୁ ବୀନା ମଲିକ ମଧ୍ୟ କୁହାଯାଏ । ୨୦୦୦ ମସିହାରେ ସେ 'ତେରେ ପ୍ୟାର୍ ମେ' ଚଳଚ୍ଚିତ୍ର ସହିତ ଅଭିନୟ ଆରମ୍ଭ କରିଥିଲେ, ଯାହା ଏକ ହିଟ୍ ହୋଇଥିଲା । ଏହା ପରେ ସେ ଏକ ପାକିସ୍ତାନୀ ଟିଭି ସୋ'ରେ ହୋଷ୍ଟିଂ କରିଥିଲେ । ତେବେ ସେ ରିଅଲିଟି ସୋ 'ବିଗ୍ ବସ୍'ରେ ଭାଗ ନେବା ପରେ ଲୋକପ୍ରିୟ ହୋଇଥିଲେ । ସେ ଜଣେ ଆଇଟମ୍ ଡ୍ୟାନ୍ସର ଭାବରେ ବଲିଉଡରେ କ୍ୟାରିଅର୍ ଆରମ୍ଭ କରିଥିଲେ ଓ ପରେ ବଲିଉଡ ଫିଲ୍ମ 'ଦାଲ୍ ମେ କୁଛ କାଲା ହୈ' ରେ ଅଭିନୟ ଆରମ୍ଭ କରିଥିଲେ ।

**ସାରା ଲରେନ୍ସ:** ହିନ୍ଦୀ ଏବଂ ଉର୍ଦ୍ଦୁ ଚଳଚ୍ଚିତ୍ରରେ ଅଭିନୟ ପାଇଁ ଜଣାଶୁଣା ପାକିସ୍ତାନୀ ମୂଳ ଅଭିନେତ୍ରୀ ସାରା ହୁସେନ୍ ବା ସାରା ଲରେନ୍ସ ପାକିସ୍ତାନୀ ଟିଭି ଶୋ 'ରାବିୟା ଜିନ୍ଦା ରହେଗୀ' ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ । ଏହା ପରେ ସେ ୨୦୧୦ରେ ପୂଜା ଭଟ୍ଟଙ୍କ ସହ ଫିଲ୍ମ 'କଜରାରେ'ରେ ଡେବ୍ୟୁ କରିଥିଲେ । ସେ 'ମର୍ଡର ୩', 'ଇସ୍କ କ୍ଲିକ୍', 'ଫ୍ରଡ୍ ସୈୟାଁ', 'ବରଖା' ଭଳି ଅନେକ ଚଳଚ୍ଚିତ୍ରରେ ନଜର ଆସିଛନ୍ତି ।

## ଅଣ୍ଡା ସହ ଖାଆନ୍ତୁ ନାହିଁ ଏହି ଜିନିଷ

**ସ୍ୱାସ୍ଥ୍ୟ ପାଇଁ ଅଣ୍ଡା ବେଶ୍ ଉପକାରୀ । ଅଣ୍ଡାରେ ଭିଟାମିନ ଏ, ବି୬, ବି୧୨, ପ୍ରୋଟିନ, ଆଇରନ, ଏମିନୋ ଏସିଡ, ଫସ୍‌ଫରସ୍ ଓ ସେଲେନିୟମ୍ ଭଳି ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି । ତେଣୁ ଅଣ୍ଡାକୁ ସୁପରଫୁଡ୍ ବୋଲି କୁହାଯାଏ । ନିୟମିତ ଏହାକୁ ସେବନ କରିବା ଦ୍ୱାରା ଖୁବ ଲାଭଦାୟକ ହୋଇଥାଏ । ମାତ୍ର ସଭିଏଁ ହୁଏତ ଜାଣିନଥିବେ ସ୍ୱାସ୍ଥ୍ୟ ପାଇଁ ଏହା ଉପକାରୀ ହେବା ସହ ଅଣ୍ଡା ଖାଇବା ସମୟରେ କିଛି ସ୍ୱତନ୍ତ୍ର କଥା ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ । ଏଭଳି କେତେକ ଜିନିଷ ଅଛି ଯାହାକୁ ଅଣ୍ଡା ସହ ଏକତ୍ରିତ ଖାଇବା ଉଚିତ ନୁହେଁ ।**

- ଅଣ୍ଡା ସହ ଚିନି ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଅଣ୍ଡା ଓ ଚିନିରେ ଥିବା ଏକ ପ୍ରକାର ଏସିଡ୍ ନିର୍ଗତ ହୋଇ ଶରୀରରେ ଖାଦ୍ୟକୁ ଏହା ବିଷାକ୍ତ କରିଥାଏ । ଏହି କାରଣରୁ ରକ୍ତ ସଞ୍ଚାଳନରେ ସମସ୍ୟା ହେବା ସହ ପେଟ ଜନିତ ରୋଗ ମଧ୍ୟ ହୋଇଥାଏ ।
- ସୋୟା ମିଲ୍କରେ ଭେଜିଟେବଲ୍ ପ୍ରୋଟିନ, ଭିଟାମିନ, ମିନେରାଲ୍ସ ଆଦି ପ୍ରଚୁର ମାତ୍ରାରେ ରହିଛି । ଯାହା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ମାତ୍ର ସୋୟା ମିଲ୍କ ସହ ଅଣ୍ଡା ଏକାଠି ଖାଇଲେ ସ୍ୱାସ୍ଥ୍ୟ ସହ ଜଡିତ ଅନେକ ସମସ୍ୟା ହୋଇଥାଏ ।
- ଅଣ୍ଡା ସହ ଚା' ପିଇଲେ ଏହା କୋଷ୍ଠକାଠିନ୍ୟ ଓ ପେଟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଏହି କାରଣରୁ ଅଣ୍ଡା ଓ ଚା'ର ଏକତ୍ରିତ ସେବନ କରନ୍ତୁ ନାହିଁ ।
- ଅଣ୍ଡା ଓ କଦଳୀ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀଛ ମାତ୍ର ଅଣ୍ଡା ଓ କଦଳୀକୁ ଏକାଠି ସେବନ କରନ୍ତୁ ନାହିଁ । ଏହାଦ୍ୱାରା ବଦହଜମି, କୋଷ୍ଠକାଠିନ୍ୟ ସମସ୍ୟା ସୃଷ୍ଟି ହୋଇଥାଏ ।
- ଅଣ୍ଡା ଖାଇବା ପରେ ତୁରନ୍ତ ଖଟା ଜାତୀୟ ଜିନିଷର ସେବନ କରନ୍ତୁ ନାହିଁ । ଏପରି କରିବା ହୃଦୟ ଜନିତ ରୋଗ ଓ ସମସ୍ୟା ହେବାର ସମ୍ଭାବନା ଥାଏ ।

## ଓଜନ ହ୍ରାସ କରେ ସାଲାଡ୍

### ଖାଇବା ସମୟରେ କରନ୍ତୁ ନାହିଁ ଏହି ଭୁଲ୍



**ଓଜନ ହ୍ରାସ ପାଇଁ ସଭିଁଙ୍କ ଇଚ୍ଛା । ଏଥିପାଇଁ ଭିନ୍ନ ଭିନ୍ନ ଉପାୟ ମଧ୍ୟ ଆପଣାଇ ଥାଆନ୍ତି । ବିଶେଷ କରି ଓଜନ ହ୍ରାସ ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷ ସାଲାଡ୍ର ନିଶ୍ଚିତ ସେବନ କରିଥାଆନ୍ତି । ଆଙ୍କା ହଁ ଖାଦ୍ୟ ଖାଇବାର ୩୦ ମିନିଟ୍ ପୂର୍ବରୁ ଏକ ପ୍ଲେଟ୍ ସାଲାଡ ଖାଇବା ଦ୍ୱାରା ଭୋକର ମାତ୍ରା ମଧ୍ୟ କମ ହୋଇଥାଏ । ଫଳରେ ବ୍ୟକ୍ତିଙ୍କ ଓଜନ ମଧ୍ୟ ବୃଦ୍ଧି ହୋଇନଥାଏ । ମାତ୍ର ଅନେକ ସାଲାଡକୁ ସ୍ୱାଦିଷ୍ଟ କରିବା ପାଇଁ ଖାଇବା ସମୟରେ ଜାଣତରେ ଅଜାଣତରେ କରୁଥିବା ଭୁଲ୍ ପାଇଁ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ବଦଳରେ କ୍ଷତି କରିଥାଏ ।**

- ରାତି ସମୟରେ ଫଳ ସାଲାଡ ଅନେକ ଖାଇଥାଆନ୍ତି । ଏହି ଅଭ୍ୟାସ ଥିଲେ ତୁରନ୍ତ ବଦଳାଇ ଦିଅନ୍ତୁ । ଫଳ ସାଲାଡ ଖାଇବାର ସଠିକ୍ ସମୟ ଦିନ । ଏହାସହ ଖାଦ୍ୟ ଖାଇବାର ପରେ ମଧ୍ୟ ଫଳ ସାଲାଡ ଖାଇବା ଉଚିତ ନୁହେଁ । ଏହାଦ୍ୱାରା ରକ୍ତରେ ଶର୍କରାର ମାତ୍ରା ଅଧିକ ହୋଇଥାଏ ।
- କେତେକ ଲୋକେ ଟମାଟୋ ଓ କାକୁଡିର ରାଇତା ପ୍ରସ୍ତୁତ କରି ଖାଇଥାଆନ୍ତି । ଆପଣ ମଧ୍ୟ ଯଦି ଟମାଟୋ ଓ କାକୁଡିରେ ଦହି ମିଶାଇ ଖାଉଥିବେ, ତେବେ ଏହି ଅଭ୍ୟାସ ତୁରନ୍ତ ବଦଳାଇ ଦିଅନ୍ତୁ । ଏହା ପାଚନ ତନ୍ତ୍ର ଉପରେ କୁପ୍ରଭାବ ପକାଇବା ସହ ଖାଦ୍ୟକୁ ଭଲ ଭାବେ ହଜମ ହେବାକୁ ଦେଇନଥାଏ । ଏହା ଖାଇବା ଦ୍ୱାରା ଏସିଡିଟି ସମସ୍ୟା ମଧ୍ୟ ବୃଦ୍ଧି ପାଇଥାଏ ।
- କାକୁଡି ଓ ଟମାଟୋ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ମାତ୍ର ଏହାକୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ । ଏକାସହ କାକୁଡି ଓ ଟମାଟୋ ଖାଇବା ଦ୍ୱାରା ପାଚନ ତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ । ଏହାଦ୍ୱାରା ପେଟରେ ଗ୍ୟାଷ୍ଟ୍ରିକ, ବଦହଜମି, ପେଟ ଯନ୍ତ୍ରଣା, ଥକ୍କାପଣ ଭଳି ସମସ୍ୟା ଦେଖାଦେଇଥାଏ ।
- କିଛି ଲୋକ ସାଲାଡ୍‌କୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଏଥିରେ ଚିଜ୍ ଓ ମିଓନିଜ୍ ପକାଇ ଥାଆନ୍ତି । ବିଶେଷଜ୍ଞଙ୍କ ମତାନୁସାରେ ଏହି ଜିନିଷ ସାଲାଡରେ ବ୍ୟବହାର ଦ୍ୱାରା ସାଲାଡ୍‌ର ପୋଷକ ତତ୍ତ୍ୱ ନଷ୍ଟ ହୋଇଥାଏ ।
- ସାଲାଡ୍‌କୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଏଥିରେ ଚାଟ୍ ମସଲା ଓ ଲୁଣ ମଧ୍ୟ ମିଶାଇ ଥାଆନ୍ତି । ଏପରି କରିବା ଦ୍ୱାରା ମଧ୍ୟ ସାଲାଡ୍‌ରେ ଥିବା ପୋଷକ ତତ୍ତ୍ୱ ନଷ୍ଟ ହୋଇଥାଏ । ତେଣୁ ସାଲାଡକୁ ସଠିକ ଶୈଳୀରେ ଏଥିରେ ଲୁଣ ,ଚାଟ୍ ମସଲା ଆଦି ବ୍ୟବହାର ନ କରି ସେବନ କରନ୍ତୁଛ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ସହ ଓଜନ ହ୍ରାସ କରିଥାଏ ।

THE AADHAR ODISHA
ଆଧାର ଓଡ଼ିଶା

## ସାପ୍ତାହିକ ରାଶିଫଳ

ଜ୍ୟୋତିର୍ବିଦ୍ୟା ପଣ୍ଡିତ ଗ୍ରହାଃଚାର୍ଯ୍ୟ
ଶ୍ରୀ ବ୍ରହ୍ମାନନ୍ଦ ନାୟକ
ଯୋଗାଯୋଗ–୯୯୩୭୬୭୨୭୦୨



**ମେଷ** ୨୮ କର୍ମକ୍ଷେତ୍ରେ ହାନୀ, ଖର୍ଚ୍ଚାନ୍ତରେ ରହିବେ । ୨୯ କୌଣସି ପରିବର୍ତ୍ତନ ନାହିଁ । ୩୦ ଘାତବାର, ନିରବତା ଫଳ । ୩୧ କଲ୍ୟାଣୀଚନ୍ଦ୍ର ଯୋଗୁ ଏକପ୍ରକାର ମନ ଶରୀର ଭଲ ରହିବ । ୧,୨ ଓ ୩ ପ୍ରତ୍ୟେକ କ୍ଷେତ୍ରେ ଆନନ୍ଦ । ମହିଳାମାନେ ଗୃହ କର୍ମରେ ରହିବ । ଛାତ୍ରଛାତ୍ରୀ ଶିକ୍ଷା ମାର୍ଗରେ ରହିବେ ।

**ବୃଷ** ୨୮ ଯଥାକଥାରେ କଟିବ । ୨୯ ଘାତବାର । ୩୦ ଓ ୩୧ କଳହ, ପଥବନ୍ଧନ, ମାନହାନୀ, ମହଳାଙ୍କର ଘାତଚନ୍ଦ୍ର । ୧ ଓ ୨ ମିଶ୍ରଫଳ, ଯଥାକଥାରେ ସମୟ କଟିବ । ୩ କର୍ମେଶୁଭ । ବାହ୍ୟପରିସ୍ଥିତିରେ ମନପ୍ରାଣ ଭଲ ରହିବ । ଆୟ ଓ ବ୍ୟୟ ସମାନ । ମହିଳାମାନେ ଶରୀର କଷ୍ଟରେ ପୀଡ଼ିତ ରହିବେ ।

**ମିଥୁନ** ୨୮ କର୍ମକ୍ଷେତ୍ରେ ସ୍ୱଚ୍ଛଳ ରହିବ । ୨୯ ଓ ୩୦ ଗୃହପରିବେଶ ଭଲ ରହିବ ।୩୧ ମିତ୍ର ଲୋକଙ୍କଠାରୁ ସୁସମ୍ବାଦ ପ୍ରାପ୍ତ ।୧ ଓ ୨ କାର୍ଯ୍ୟହାନୀ, ବିମର୍ଷ ଭାବ, ଖର୍ଚ୍ଚାନ୍ତ । ୩ ଯଥାକଥାରେ କଟିବ । ସମସ୍ତ ପ୍ରକାର ମିଶ୍ରଫଳ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ । ବିଦ୍ୟାର୍ଥୀମାନେ ଶିକ୍ଷାରେ ଅବହେଳା କରିବେ ।

**କର୍କଟ** ୨୮ ମୁଣ୍ଡ ବିନ୍ଧା, ଜ୍ୱର । ୨୯ କଲ୍ୟାଣୀଚନ୍ଦ୍ର ଯୋଗୁ ଦିନଟି ମିଶ୍ରଫଳ । ୩୦ ଓ ୩୧ ଗୃହ ପରିବେଶ ଭଲ ରହିବ । ଅର୍ଥ କିଛି ହାତକୁ ଆସିପାରେ । ପରିବାର ସୁଖ ଦାୟକ । ୧ ଓ ୨ କର୍ମକ୍ଷେତ୍ରେ ଓ ଆୟକ୍ଷେତ୍ର ପାଇଁ ବିଶେଷ ଧ୍ୟାନ ଦେବେ । ମହିଳାମାନେ ସେବାରେ ଲିପ୍ତ ରହିବେ ।

**ସିଂହ** ୨୮ ଘାତଚନ୍ଦ୍ର, କଳହ, ମାନହାନୀ । ୨୯ ଘାତବାର, କୌଣସି ପରିବର୍ତ୍ତନ ନାହିଁ । ୩୦ ଓ ୩୧ କର୍ମକ୍ଷେତ୍ରେ ସଫଳତା ଲାଭ କରିବେ । ୧ ଓ ୨ ସ୍ୱାସ୍ଥ୍ୟ ଭଲ ରହିବ । କର୍ମକ୍ଷେତ୍ରେ ଲାଭବାନ ହେବେ । ଗୃହକାର୍ଯ୍ୟକ୍ରମରେ ମନ ବଳାଇବେ । ମହିଳାମାନେ ଗୃହଧନ୍ଦାରେ ରହିବେ । ବିଦ୍ୟାର୍ଥୀ ସଫଳତା ଲାଭ କରିବେ ।

**କନ୍ୟା** ୨୮ ଯାତ୍ରାବିଧିକରଣେ ଶୁଭ ।କର୍ମକ୍ଷେତ୍ରେ ଲାଭଦାୟକ ।୨୯ ଓ ୩୦ କାର୍ଯ୍ୟକ୍ରମେ ମନପ୍ରାଣ ଭଲ ରହିବ । ୩୧ ମିଶ୍ରଫଳ, ଯଥାକଥାରେ କଟିବ ।୧ ଓ ୨ ମନପ୍ରାଣ ଅଶାନ୍ତ ରହିବ ।୩ ପ୍ରତ୍ୟେକ କ୍ଷେତ୍ରେ ଫଳଦାୟକ ପ୍ରାପ୍ତ ହେବ । ମହିଳାମାନେ ନିଜ କର୍ମରେ ରହିବେ ।

**ତୁଳା** ୨୮ ଆପଣଙ୍କ ପାଇଁ ଶୁଭ ଅନୁକୂଳ ନୁହେଁ । ୨୯ କୌଣସି ପରିବର୍ତ୍ତନ ନାହିଁ । ୩୦ ଘାତଚନ୍ଦ୍ର, ନିରବତା ଫଳ । ୩୧ ମନପ୍ରାଣ, ଶରୀର ଭଲ ରହିବ । ୧ ଓ ୨ ଅର୍ଥଲାଭ, ଗୃହେଶୁଭ । ସମ୍ମାନ ଲାଭ । ୩ ଘାତବାର, ଯଥାକଥାରେ କଟିବ ।ମହିଳାମାନେ ପରିବାର ବର୍ଗେ ଖୁସିର ପାତ୍ର ହେବ ।

**ବିଛା** ୨୮ ଓ ୨୯ ଆପଣଙ୍କ ରାଶିକୁ ଶୁଭ ଦାୟକ । ପରବାରଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ୩୦ ଓ ୩୧ ଯଥାକଥାରେ କଟିବ । ୧ ଓ ୨ ପ୍ରତ୍ୟେକ କ୍ଷେତ୍ରେ ସମ୍ମାନ ସହିତ ପରିବାର, ପରିବେଶ ଭଲ ରହିବ । ୩ କାର୍ଯ୍ୟକାରିତା ତତ୍ପରତା । ମହିଳାମାନେ ନିଜର ଦାୟିତ୍ୱ କାମକୁ ବଜାୟ ରଖିବେ ।

**ଧନୁ** ୨୯ ଓ ୨୯ ସମ୍ମାନ ପ୍ରାପ୍ତ । ୩୦ ରିଖ ଅର୍ଥହାନୀ, ଖର୍ଚ୍ଚାନ୍ତ, କଳହ । ୩୧ ପୁରୁଷଙ୍କ ଘାତଚନ୍ଦ୍ର, ଯାତ୍ରାବିଧିକରଣକୁ ମନା । ୧ ଓ ୨ ରିଖ କର୍ମେ ଶୁଭ, ବନ୍ଧୁ ମିଳନ, ଗୃହ ପରିବେଶ ଭଲ ରହିବ । ୩ ବାହ୍ୟସ୍ତରେ ଓ ଗୃହେ ଶୁଭ । ସମ୍ମାନପ୍ରାପ୍ତ, ମନଖୁସି ରହିବ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।

**ମକର** ୨୮ ଓ ୨୯ ଯଥାକଥାରେ ସମୟ କଟିବ । ୩୦ ଓ ୩୧ ବ୍ୟବସାୟ, ଆୟକ୍ଷେତ୍ରେ ଲାଭପ୍ରାପ୍ତ ହେବ । ୧ ଓ ୨ କାର୍ଯ୍ୟକ୍ରମେ, ଗୃହ ପରିସ୍ଥିତି ନେଇ ପରିବାରଙ୍କୁ ଶାନ୍ତିପଦ ପ୍ରାପ୍ତ । ୩ ଅର୍ଥବ୍ୟୟ, ଖର୍ଚ୍ଚାନ୍ତରେ ରହିବେ । ମହିଳା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ଭାଳି ନେବେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ।

**କୁମ୍ଭ** ୨୮ ଓ ୨୯ ପାରିବାରିକ କ୍ଷେତ୍ରେ ଶାନ୍ତିଭାବ, ବ୍ୟବସାୟ ଓ କର୍ମକ୍ଷେତ୍ରେ ଶଭୁଦାୟକ । ୩୦ ଓ ୩୧ ମନ ଆନନ୍ଦ ରହିବ, ଅର୍ଥଲାଭ, କର୍ମକ୍ଷେତ୍ରେ ଶୁଭ । ୧ ଓ ୨ ବିଶେଷ କିଛି ପରିବର୍ତ୍ତନ ନାହିଁ । ୩ ରିଖ ଗୃହ ଏବଂ ବାହ୍ୟସ୍ଥରେ ଶାନ୍ତିପୂର୍ଣ୍ଣ । ମହିଳାମାନେ ଆନନ୍ଦ ସହିତ ଗୃହକାର୍ଯ୍ୟକୁ ସମ୍ଭାଳି ନେବେ ।

**ମୀନ** ୨୧ ରିଖ ଘାତବାର । ଧର୍ଯ୍ୟ ସହକାରେ ନିରବତା ଫଳ । ୨୯ କଲ୍ୟାଣୀଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରେ ମିଶ୍ରଫଳ । ୩୦ ଓ ୩୧ ଯାତ୍ରାବିଧିକରଣ ପାଇଁ ଶୁଭ । ୧ ଓ ୨ କୌଣସି ଲାଭ ଦାୟକ । ୩ ଘାତଚନ୍ଦ୍ର ଯୋଗୁ ନିରବତା ଫଳ ଦାୟକ । ମହିଳାମାନେ ଗୃହ କାମରେ ଲିପ୍ତ ରହିବେ ।

# ଲୋକଙ୍କ ପାଇଁ ଦେବଦୂତ ସାଜିଛନ୍ତି ଡାକ୍ତର ବେଣୁଧର ପାଣ୍ଡେ



ବିନିକା: ମାନବ ସେବା ହିଁ ମାଧବ ସେବା କହିବା ସହଜ, କିନ୍ତୁ କାମରେ କରି ଦେଖାଉ ଛନ୍ତି ବେଣୁଧର ପାଣ୍ଡେ । ଏତେଟା ସରଳ ନୁହେଁ ଦୈନନ୍ଦିନ ଜୀବନର ବ୍ୟସ୍ତତା ଭିତରେ ସ୍ୱାର୍ଥ ଓ ଅର୍ଥସର୍ବସ୍ୱ ମଣିଷକୁ ଆଜି ଯେଉଁଠି ନିଜ କଥା ବୁଝିବାକୁ ସମୟ ହେଉନି ସେଠି ପରକଥା ପଚାରେ କିଏ । ହେଲେ ସମସ୍ତେ ସେଭଳି ନୁହଁନ୍ତି । ବ୍ୟସ୍ତ ବହୁଳ ଭିତରେ ବି କିଛି ଚେହେରା ସ୍ପଷ୍ଟ ବାରି ହୋଇପଡ଼ନ୍ତି ନିଜର ନିଆରା ଏବଂ ମହତ୍ୱ କାର୍ଯ୍ୟ ଯୋଗୁଁ । ସେ ହେଉଛନ୍ତି ଡାକ୍ତର ବେଣୁଧର ପାଣ୍ଡେ । ବୁର୍ଲା ଭିମ୍‌ସାରର ଜଣେ ପ୍ରତିଷ୍ଠିତ ଡାକ୍ତର ହୋଇଥିଲେବି, ପ୍ରତି ମାସରେ ଦିନଟିଏ ସେ ନିଜଗାଁ ତଥା ଜିଲ୍ଲାକୁ ଛୁଟି ଆସନ୍ତି ବିନା ମୂଲ୍ୟରେ ରୋଗୀ ଦେଖିବା ପାଇଁ ।

ତେଣୁ କାହାପାଇଁ ସେ ଭଗବାନ ତ, ଆଉ କାହା ପାଇଁ ଦ୍ୱିତୀୟ ଈଶ୍ୱର । କିଏ ତାଙ୍କୁ ମହାନ୍ କହେ ତ, କିଏ ପୁଣି କହେ ମାଟିର ଗର୍ବ । ବୁର୍ଲା ଭିମସାରର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ବେଣୁଧର ପାଣ୍ଡେ ମାସସାରା ସହରରେ ଡାକ୍ତରୀ ପେଷା କରୁଥିଲେ ବି, ଅପେକ୍ଷା କରିଥାନ୍ତି ପ୍ରତି ମାସର ଚତୁର୍ଥ ଶନିବାରକୁ । କାରଣ ସେଦିନ ସେ ଜୀବୀକାର ନୁହେଁ, ଜନ୍ମମାଟିର ଡାକ ଶୁଣନ୍ତି । ଆଉ ଛୁଟି ଯାଆନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ମହାଦେବପାଲି ପଞ୍ଚାୟତ ସଂସାମୁରାକୁ । ପୁଣି ବିନିକାରେ ମଧ୍ୟ ମାଗଣା ସେବା ଆରମ୍ଭ କରିଛନ୍ତି ।

ଆବଶ୍ୟକ ପଡ଼ିଲେ ସେ ରୋଗୀଙ୍କୁ ବଲାଙ୍ଗିର ଓ ବୁର୍ଲା ନେଇ ମାଗଣାରେ ବିଭିନ୍ନ ପରୀକ୍ଷା ଓ ଅସ୍ତ୍ରୋପଚାର ଆଦି ଚିକିତ୍ସା ମଧ୍ୟ କରାଉଥିବା ରୋଗିଙ୍କ ମୁଖରୁ ଶୁଣିବାକୁ ମିଳୁଛି । ଦିନଥିଲା ଅନ୍ୟ ଡାକ୍ତରଙ୍କ ଭଳି ବେଣୁଧର ମଧ୍ୟ କ୍ଲିନିକ୍ ଖୋଲି ପଇସା ନେଇ ରୋଗୀ ଦେଖୁଥିଲେ । ହେଲେ ଦିନେ ତାଙ୍କ ବାପାଙ୍କର ଗୋଟିଏ ତାଗିଦ, କେବଳ ତାଙ୍କ ଜୀବନର ଦିଗ ନୁହେଁ, ଡାକ୍ତରୀ ବୃତ୍ତିପ୍ରତି ଦୃଷ୍ଟିଭଙ୍ଗୀକୁ ବି ବଦଳାଇ ଦେଇଥିଲା ।

ଡାକ୍ତର ବେଣୁଧର ପାଣ୍ଡେ କହିଛନ୍ତି ଯେ, ପାଠପିବା ବେଳେ ଲକ୍ଷ୍ୟ ଥିଲା ଯେ ଡାକ୍ତରୀ କରିବା ପରେ ଗାଁ ଆଖପାଖରେ ରହି ପେଷା ଚଳାଇବେ । ହେଲେ ଏହା ସମ୍ଭବ ହେଲାନି । ମାତ୍ର ୧୦ ବର୍ଷ ତଳେ ଗାଁକୁ ଯିବା ଆସିବା କରିବା ଆବଶ୍ୟକ ଭାବି ଅଭ୍ୟାସରେ ପରିଣତ କରିଥିଲେ । ଏବେ ଏଠାରେ ପ୍ରତି ଶନିବାର କ୍ଲିନିକ୍ ଖୋଲି ମାଗଣା ଚିକିତ୍ସା କରୁଛନ୍ତି । ଯେଉଁମାନେ ଗୁରୁତର ସମସ୍ୟାରେ ରହିଛନ୍ତି ସେମାନଙ୍କୁ ଭିମ୍ସାର ନେଇ ମାଗଣା ଚିକିତ୍ସା କରାଇ ଛାଡୁଛନ୍ତି । ଗାଁକୁ ଆସିବା ଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଏହାଖୁବ୍ ଶାନ୍ତି ଦେଉଛି । ବାପାଙ୍କର କିଛିପଦ କଥା ନିଜ ଗାଁ ତଥା ଜିଲ୍ଲା ଲୋକଙ୍କ ମାଗଣା ସେବା କରିବାର ଦୃଷ୍ଟିଭଙ୍ଗି ଆଣି ଦେଇଥିଲା । ବଲାଙ୍ଗିରରେ ରୋଗୀ ଚିକିତ୍ସା କରିବା ବେଳେ ଗାଁର ଜଣେ ବ୍ୟକ୍ତି ତାଙ୍କ ପାଖକୁ


## ମାଗଣାରେ କରୁଛନ୍ତି ରୋଗୀ ସେବା

ଯାଇ ଚିକିତ୍ସିତ ହୋଇଥଲେ ଏବଂ ୫୦ ଟଙ୍କା ଦେଇଥିଲେ । ସେଠାରୁ ସମ୍ପୃକ୍ତ ବ୍ୟକ୍ତି ଆସିବା ପରେ ବାପାଙ୍କୁ ଏହି କଥା ଜଣାଇଥିଲେ । ଟଙ୍କା ନେଇ ଗାଁ ଲୋକଙ୍କ ଚିକିତ୍ସା କରୁଥିବା ଜାଣି ବାପା ତାଗିଦ୍ କରିଥିଲେ । ଏହି ଟଙ୍କାରେ ବଡ଼ଲୋକ ହୋଇଯିବୁ କି ବୋଲି ପଚାରିଥିଲେ । ସେହି ଦନଠାରୁ ବଲାଙ୍ଗିର ହେଉ କି ଭିମ୍ସାର ଯେଉଁଠି ବି ଗାଁ କିମ୍ବା ଜିଲ୍ଲାର ଲୋକଙ୍କ ଚିକିତ୍ସା କରିବାକୁ ହୁଏ, ମାଗଣା କରିଚାଲିଛନ୍ତି । ପ୍ରତ୍ୟେକ ଡାକ୍ତର ବନ୍ଧୁ ମାନେ ସେମାନଙ୍କ ନିଜ ଜିଲ୍ଲା ତଥା ଗାଁକୁ ଯାଇ ଅତିକମ୍‌ରେ ମାସକୁ ଗୋଟିଏ ଦିନ ସେମାନଙ୍କ ଜିଲ୍ଲା ତଥା ଗାଁ ଲୋକଙ୍କୁ ମାଗଣା ଚିକିତ୍ସା ଦେଇ ନିଜ ମାଟିର ଓ ଲୋକଙ୍କ ସେବା କରିବା ଉଚିତ୍ ବୋଲି ଡାକ୍ତର ପାଣ୍ଡେ କହିଛନ୍ତି । ବିନିକା ତଥା ସଂସାମୁରା ଗ୍ରାମର ଜନ ସାଧାରଣ କୁହନ୍ତି ଡାକ୍ତର ବେଣୁଧର ପାଣ୍ଡେ ସୁବର୍ଣ୍ଣପୁର ଜିଲ୍ଲାର ରୋଗୀଙ୍କ ନିମନ୍ତେ ଭଗବାନ ହୋଇଯାଇଛନ୍ତି । ସେ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ସ୍ଥଳେ ବୁର୍ଲାନେଇ ମାଗଣା ଅପରେସନ କରୁଛନ୍ତି । ତାଙ୍କ ଯୋଗୁ ଶହ ଶହ ଲୋକ ଉପକୃତ ହେଉଛନ୍ତି । ସେ ଗାଁକୁ ଆସିଲେ ପ୍ରତିଥର ୧୫୦ରୁ ଅଧିକ ରୋଗୀଙ୍କ ଭିଡ଼ ଜମୁଛି ।

ବେଣୁଧରଙ୍କ ବାପା ମାଛମାରି ପେଟ ପୋଷୁଥିଲେ। ବଡ଼ଭାଇ ଡଙ୍ଗା ଘାଟରେ ଲୋକଙ୍କୁ ପାରକରି ପରିବାର ପୋଷଣ କରୁଥିଲେ । ହେଲେ ଡାକ୍ତର ହେବାର ସ୍ୱପ୍ନ ଆଗରେ ବାଧକ ସାଜିପାରି ନଥିଲା ଦାରିଦ୍ର୍ୟ । ୧୯୯୧ରେ ଏମ୍‌ବିଏସ୍ ଓ ୧୯୯୬ରେ ପିଜି ପରେ ବେଣୁଧର ଡାକ୍ତରୀ ପେଷା ଆରମ୍ଭ କରିଥିଲେ । ସେ ସୁବର୍ଣ୍ଣପୁର ତରଭା ବ୍ଲକ୍ କମସରା, ସୋନପୁର, ନାଇକେନପାଲି ଓ ବଲାଙ୍ଗିର ଜିଲ୍ଲାର ସଇଁନ୍ତଲା ଆଦି ସ୍ଥାନରେ ଡାକ୍ତର ଥିଲେ । ଏବେ ବୁର୍ଲା ଭିମସାରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଆସୋସିଏଟ୍ ପ୍ରଫେସର । ତେବେ ନିଜର ବ୍ୟସ୍ତବହୁଳ ଜୀବନ ସତ୍ତ୍ୱେ, ମାସର ଚତୁର୍ଥ ଶନିବାର ନିଜ ଗାଁକୁ ଯାଇ ରୋଗୀସେବା କରିବା ଭୁଲିନାହାନ୍ତି । ବେଣୁଧର ସେଠାରେ ଲୋକଙ୍କ ସମସ୍ୟାକୁ ଅତି ନିକଟରୁ ଦେଖିବା ପରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଓ ଉଲୁଣ୍ଡା ବ୍ଲକ ଧର୍ମଶାଳାରେ ବି ସେ ନିଶୁଳ୍କ ରୋଗୀ ସେବା କରି ଆସୁଛନ୍ତି ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



## Correction of Errors

Wrong : One of the boys have answered my question correctly.
Right : One of the boys has answered my question correctly.
Wrong : Can you tell me who is your boss?
Right : Can you tell me who your boss is?
Wrong : I think it will not rain tomorrow.
Right : I don't think it will rain tomorrow.
Wrong : My car's window glass is broken.
Right : The window glass of my car is broken.
Wrong : The problems you are dealing are not man-made.
Right : The problems you are dealing with are not man-made.
Wrong : Sunil is accompanied with his brother.
Right : Sunil is accompanied by his brother.
Wrong : The sky is cloudy.It will rain.
Right : The sky is cloudy.It is going to rain.(be + going to is used to predict something on the basis of indication.)
Wrong : He has contributed articles to 'Statesman'.
Right : He has contributed articles to 'The Statesman'.
Wrong : The meeting is held today at 12.30pm in the Conference Hall.
Right : The meeting is held in the Conference Hall at 12.30pm today.(Word Order(Adverb of place,exact time and then general time)
Wrong : Will you join in our party?
Right : Will you join our party?

# କାଦୁଅ ପଚପଚ ରାସ୍ତା: ଲୋକେ ହନ୍ତସନ୍ତ



ଅମ୍ବାଭୋନା: ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏବେବି ଗାଁକୁ ଭଲ ରାସ୍ତା ନାହିଁ । ଏହା ହେଉଛି ବରଗଡ଼ ଜିଲ୍ଲାର ଅମ୍ବାଭୋନାବ୍ଲକ ବ୍ଲକ୍ର ଭୈନାତୋରା ଗ୍ରାମପଞ୍ଚାୟତ ସ୍ଥିତ ବଡ଼ ସରାଇପାଲି ଗ୍ରାମର ବିକଳ ଦୃଶ୍ୟ । ଭୈନାତୋରା ଗ୍ରାମପଞ୍ଚାୟତ ଅଧିନସ୍ଥ ୧୨ ନମ୍ବର ୱାର୍ଡରେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରିଆସୁଛନ୍ତି । ସେଠାକାର ଗ୍ରାମବାସୀମାନେ ଗାଁକୁ ଭଲ ପକା ରାସ୍ତାଟିଏ ପାଇଁ ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ଗୁହାରି କରି ଆସୁଥିଲେ ମଧ୍ୟ କେହି ତାଙ୍କ କଥାକୁ କର୍ଣ୍ଣପାତ କରୁନଥିବା ସେଠାକାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେଉକି ବିଧାନସଭା ନିର୍ବାଚନ ସମୟରେ ସେଠାକୁ ଭୋଟ ଭିକ୍ଷା କରିବାକୁ ଯାଇ ତୁମ ଗାଁ କୁ ରାସ୍ତା କରିଦେବୁ କହି କେବଳ ପ୍ରତିଶୃତି ଦେଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପକା ରାସ୍ତାଟିଏ ହୋଇ ପାରିନାହିଁ । ଏହା ବାସ୍ତବିକ ଚିନ୍ତାର ବିଷୟ । ବଡ଼ ସରାଇପାଲି ଗ୍ରାମରୁ ଭାଲୁଟାଳ ରାସ୍ତା ଦୂରତା କମ ହେତୁ ବଡସରାଇପାଲି, ବେନିଆଁପାଲି, ଅଲେଖପୁର, ବରଙ୍ଗାକୋଟ ତଥା ସୀମାନ୍ତବର୍ତ୍ତୀ ଛତିଶଗଡର ବିଭିନ୍ନ ଗ୍ରାମର ଲୋକେ ନିର୍ଭର କରି ଯାତାୟାତ କରିଥାନ୍ତି । ଭାଲୁଟାଳ ଗ୍ରାମରେ ସ୍କୁଲ୍ ବନ୍ଦ ହେବାରୁ ଛୋଟ ଛୋଟ ଶିଶୁ ଚାଷ ଜମିରେ କାଦୁଅ ପଚପଚ ରାସ୍ତାରେ ଚାଲି ଚାଲି ପାଠ ପଢିବାକୁ ଯାଇଥିବା ବେଳେ ବଡସରାଇପାଲି ଗ୍ରାମବାସୀ କାମଧନ୍ଦା ପାଇଁ ହେଉ ଆଦି କୌଣସି କାର୍ଯ୍ୟରେ ଗାଁ ବାହାରକୁ ଯିବାକୁ ହେଲେ ସେମାନଙ୍କୁ ମାଟି କାଦୁଅ ରାସ୍ତା ଦେଇ ଯିବାକୁ ପଡିଥାଏ । ଅନ୍ୟପଟେ ଯଦି କାହାର ଦେହ ଅସୁସ୍ଥ ହେଲା କି ପ୍ରସୂତି ସମୟରେ ଗ୍ରାମକୁ ଆମ୍ବୁଲାନ୍ସ କି ଅନ୍ୟଗାଡ଼ି ଯାଇପାରୁନଥିବାରୁ ସେଠାକାର ଲୋକମାନେ ରୋଗୀ ଓ ପ୍ରସୂତିଙ୍କୁ କାନ୍ଧରେ ଭାର ମାଧମରେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହିବାକୁ ପଡିଥାଏ ବୋଲି ଗ୍ରାମର ଲୋକମାନେ ପ୍ରକାଶ କରିଛନ୍ତ । ଆଗାମୀ ଦିନରେ ଯଦି ଭାଲୁଟାଳରୁ ବଡ ସରାଇପାଲି ପର୍ଯ୍ୟନ୍ତ ପକା ରାସ୍ତା ନିର୍ମାଣ କରା ନ ଯାଏ ତେବେ ରାଜରାସ୍ତାକୁ ଓହ୍ଲେଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଗ୍ରାମର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ବନ ବିଭାଗ କାର୍ଯ୍ୟାଳୟରେ ମଦର ଆସର



ନବରଙ୍ଗପୁର: ବନ ବିଭାଗ କାର୍ଯ୍ୟାଳୟ ମଧ୍ୟରେ ଚାଲିଛି ମଦର ଆସର । ଏଭଳି ଘଟଣା ଦେଖିବାକୁ ମିଳିଛି ନବରରଙ୍ଗପୁର ଜିଲ୍ଲା ରାଇଘର ବନବିଭାଗ କାର୍ଯ୍ୟାଳୟ ପରିସର ମଧ୍ୟରେ । ଉକ୍ତ ମଦ ପାର୍ଟିରେ ସାମିଲ ଅଛନ୍ତି ରାଇଘର ବନ ବିଭାଗରେ କାର୍ଯ୍ୟରତ ଫରେଷ୍ଟର ଖୋଦ୍ ରାମଚନ୍ଦ୍ର ଜାନୀ । ସବୁ ନିୟମକୁ ବେଖାତିରି କରି ଦିନ ଦ୍ୱିପହରରେ ଖୁଲମ୍‌ଖୁଲା ଚାଲିଛି ମଦ୍ୟପାନ । ଖୋଦ ବନପାଳଙ୍କ ସହ ବିଭାଗର କେତେକ ବନରକ୍ଷୀ ରାଇଘର ସରକାରୀ ବାସଭବନରେ ବସି ମଦ ପିଉଥିବାର ଦେଖିବାକୁ ମିଳିଥିଲା । ତେବେ ଏଥିପାଇଁ କିଏ ଦେଉଛି ଅନୁମତି ଏ ସମ୍ପର୍କରେ ବନ ବିଭାଗରେ କାର୍ଯ୍ୟରତ ରେଞ୍ଜରଙ୍କ ପାଖରେ କୌଣସି ସୂଚନା ଅଛି କି ନାହିଁ ତାହା ପ୍ରଶ୍ନବାଚୀ । ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ । ତଦନ୍ତ ପରେ ଜନୀ ବାବୁଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି କି ନାହିଁ ନା ବନ ବିଭାଗ ଅଧିକାରୀ ଘଟଣାକୁ ଘଣ୍ଟ ଘୋଡାଉଛନ୍ତି ତାହା ଦେଖିବାକୁ ବାକି ରହିଲା । ପ୍ରକାଶ ଥାଉକି ଏହି ଘଟଣା ସଂପର୍କରେ ରାଇଘର ରେଞ୍ଜର ତନୁଜା କାର୍ତ୍ତିକଙ୍କ ପ୍ରତିକ୍ରିୟା ନିମନ୍ତେ ଯୋଗାଯୋଗ କରିବାରୁ ତାଙ୍କ ମୋବାଇଲ ବନ୍ଦ ଥିବାରୁ ଯୋଗାଯୋଗ ସମ୍ଭବ ହେଇ ପାରି ନ ଥିଲା ।

# ବିଦେଶୀ ପକ୍ଷୀଙ୍କ ଆଗମନରେ ଚଳଚଞ୍ଚଳ ସାହ୍ଲେପାଲି ପୋଖରୀ ବନ୍ଧକଟା

ଅମ୍ବାଭୋନା/ବରଗଡ: ବରଗଡ ଜିଲ୍ଲା ଅମ୍ବାଭୋନାବ୍ଲକ୍ ଭୈନାତୋରା ଗ୍ରାମପଞ୍ଚାୟତ ସାହ୍ଲେପାଲି ପୋଖରୀ,ବନ୍ଧ କଟାରେ ସେପ୍ଟେମ୍ବର ମାସର ଶେଷ ସପ୍ତାହରୁ ଶହ ଶହ ଦେଶୀୟ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଯାଇଛି । ଶୀତଋତୁର ଅବ୍ୟବହିତ ପୂର୍ବରୁ ପୋଖରୀ ବନ୍ଧ ଭିତରେ ବିରାଟ ଅମରି ବୁଦା ହୋଇଥିବାରୁ ପକ୍ଷୀ ମାନେ ବସାକରି ଆଶ୍ରୟ ନେଇଛନ୍ତି । ବର୍ଷା ଋତୁରୁ ଜନ୍ମ ନେଇଥିବା ଛୋଟ ଛୋଟ ମାଛ, କଙ୍କଡା, ଏବଂ ଅନନ୍ୟ ଜଳଜୀବ ମାନଙ୍କର ନୈସର୍ଗିକ କ୍ରୀଡା ଭୂମିରେ ପରିଣତ ହୋଇଛି । ତେଣୁ ଅସହ୍ୟ ଶୀତ ଋତୁରୁ ରକ୍ଷା ପାଇବାପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ଖାଦ୍ୟ ଓ ବସା ଅନ୍ୱେଷଣରେ ରାଜ୍ୟ ବାହାର ଜାମ୍ମୁ କାଶ୍ମୀରର, ହିମାଚଳ ପ୍ରଦେଶ ଓ କେନ୍ଦୁଝରର ଦାରିଙ୍ଗବାଡି ବରଫାବୃତ ଅଞ୍ଚଳରୁ ଶହ ଶହ ପକ୍ଷୀ ହଜାର ହଜାର ମାଇଲ ଅତିକ୍ରମ କରି ବିଭିନ୍ନ ଜାତିର ରଙ୍ଗବେରଙ୍ଗ ପକ୍ଷୀଙ୍କୁ ପାଇ ସାହ୍ଲେପାଲି କଟା ଚଳଚଞ୍ଚଳ ଦେଖାଦେଇଛି । ବର୍ତ୍ତମାନ ଅନୁରୂପ ଭାବେ ଏହି ରଙ୍ଗ ବେରଙ୍ଗ ପକ୍ଷୀ ପୋଖରୀ ଜଳରାଶି ଓ ଆକାଶରେ ପଇଁତରା ମାରୁଛନ୍ତି । ବିଶେଷ କରି ଜଳସ୍ତର କମଥିବା ଅଞ୍ଚଳ ତଥା ବଣ ପାହାଡ ଅଞ୍ଚଳରେ ବହୁ ସଂଖ୍ୟାରେ ପକ୍ଷୀ ଅବତରଣ କରୁଥିବା ଦେଖାଦେଇଛି । ଅନ୍ୟପକ୍ଷେ ପକ୍ଷୀ ଆଗମନ ହେତୁ ଶିକାରୀଙ୍କ ପ୍ରତି କଡା ପଦକ୍ଷେପ ଗ୍ରହଣ କରିବା ସଂଗେ ପକ୍ଷୀ ସୁରକ୍ଷା ସକାଶେ ବନବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଚା’ ବାଲା ବନାମ...

ସବୁଠୁ ବଡ ଅଗ୍ନି ପରୀକ୍ଷା ହେଉଛି ୨୦୨୪ ଲୋକସଭା ନିର୍ବାଚନ । ଖାଡ୍‌ଗେଙ୍କୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପାର୍ଟିକୁ ମଜବୁତ କରିବା ପାଇଁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ । ଗୁଜରାଟ ଏବଂ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ଉନ୍ନତମାନର ପ୍ରଦର୍ଶନ କରିବା ଏକ ବଡ ଚ୍ୟାଲେଞ୍ଜ । ଅନ୍ୟପକ୍ଷେ ରାଜସ୍ଥାନ ଏବଂ କର୍ଣ୍ଣାଟକରେ ପାର୍ଟିରେ ଜାରି ଆଭ୍ୟନ୍ତରୀଣ କନ୍ଦଳ ଦଳର ଚିନ୍ତାକୁ ଆହୁରି ବଢାଇ ଦେଇଛି । ତେଣୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପାର୍ଟିକୁ ଏକଜୁଟ୍ ରଖିବା ଖାଡ୍‌ଗେଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ରହିବ । ସେହିପରି ସଭାପତି ହେବା ସତ୍ତ୍ୱେ ଗାନ୍ଧୀ ପରିବାର ଛାଇରୁ ବାହାରି ସ୍ୱତନ୍ତ୍ର ନିଷ୍ପତ୍ତି ନେଇପାରିବେ ତ ଖାଡ୍‌ଗେ? ଏଣିକି ଦଳରେ ସୋନିଆ, ରାହୁଲ ଓ ପ୍ରିୟଙ୍କା ଭୂମିକା କଣ ରହିବ ଏବଂ କିଏ ନିର୍ଦ୍ଧାରଣ କରିବେ ସେମାନଙ୍କ କାର୍ଯ୍ୟ ଓ ଦାୟିତ୍ୱ ? ବାରମ୍ବାର ପରାଜୟର ସାମ୍ନା କରି ଏବେ ବୁଡ଼ି ଯାଉଥିବା ନୌକାର କ୍ୟାପଟେନ୍ ସାଜିଥିବା ଖାଡ୍‌ଗେ କଂଗ୍ରେସ ଛାଡ଼ିବାକୁ ଚାହୁଁଥିବା ନେତାଙ୍କୁ ମନାଇ ପାରିବେ ତ ? ଖାଡଗେଙ୍କୁ ଗ୍ରହଣ କରିପାରିବେ କି ପୂର୍ବରୁ ଗାନ୍ଧୀ ପରିବାର ନେତୃତ୍ୱକୁ ବିରୋଧ କରୁଥିବା କଂଗ୍ରେସର ଜି୨୩ ଗୋଷ୍ଠୀ?

**ଚା ବାଲା ବନାମ ଶ୍ରମିକର ପୁଅ**

ଖାଡ୍‌ଗେଙ୍କ ରୂପେ କଂଗ୍ରେସକୁ ନୂତନ ଅଧ୍ୟକ୍ଷ ମିଳିବା ପରେ ପାର୍ଟିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିପାରେ । ଏହାର ଆରମ୍ଭ ହୋଇ ସାରିଛି । ଆକ୍ସନ ମୋଡ୍‌କୁ ଆସିଛନ୍ତି ଖାଡ୍‌ଗେ । କଂଗ୍ରେସ କାର୍ଯ୍ୟକାରିଣୀ କମିଟି ଭଙ୍ଗା କରାଯାଇ ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି। ଦଳକୁ ସାଙ୍ଗଠନିକ ସ୍ତରରେ ମଜବୁତ କରିବା ସହ ଆଗାମୀ ନିର୍ବାଚନରେ ଦଳ କେମିତି ଭଲ ପ୍ରଦର୍ଶନ କରିବ ତାର ଦାୟିତ୍ୱ ଏହି କମିଟି ଉପରେ ରହିବ । ଆଗାମୀ ନିର୍ବାଚନରେ ଦଳ ନିଜର ନୂତନ ଛବି ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବ । ପାର୍ଟି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚା ବାଲାର ପୁଅ ବିରୋଧରେ ଖାଡ୍‌ଗେଙ୍କ ଶ୍ରମିକଙ୍କ ପୁଅ ହେବାର ମାହୋଲ ତିଆରି କରିପାରେ । ଉଲ୍ଲେଖନୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାପା ଦାମୋଦର ଦାସ ମୋଦୀ ଗୁଜରାଟର ବଡନଗର ରେଲୱେ ଷ୍ଟେସନ୍‌ରେ ଦୀର୍ଘ ସମୟ ଧରି ଚା ବିକ୍ରି କରୁଥିଲେ । ଏହି ଷ୍ଟେସନ୍‌ରେ ବି ମୋଦୀଙ୍କ ପିଲାବେଳ କଟିଛି ।

### କାର୍ତ୍ତିକରେ ଅଣାୟତ୍ତ...

ଖାଇଥାଏ, ଏଥିସହ ଘରକୁ ଫେରିବା ପୂର୍ବରୁ ପରିବାର ନିମନ୍ତେ ଅବା କିଣି ନେଇଥାଏ । ହେଲେ ଅନେକ ଶ୍ରଦ୍ଧାଳୁ ନା ପେଟପୂରା ଖାଇ ପାରୁଛନ୍ତି, ନା ପରିବାର ପାଇଁ ପେଟ ପୂରିବା ଭଳି ମହାପ୍ରସାଦ ନେଇ ଯାଇପାରୁଛନ୍ତି । ପରିସ୍ଥିତି ଏଭଳି ହୋଇଛି ଯେ, ମହାପ୍ରସାଦ ପେଟେ ଖାଇ ନୁହେଁ, ବରଂ ଟିକିଏ ତୁଣ୍ଡରେ ମାରି କାମ ସାରିବାକୁ ବାଧ ହେଉଛନ୍ତି ଅନେକ ଶ୍ରଦ୍ଧାଳୁ । କାରଣ ଧର୍ମମାସ କାର୍ତ୍ତିକରେ ଅବଢ଼ା ରେଟ୍ ହୋଇଛି ଆକାଶଛୁଆଁ । ଦର ଶୁଣି ଭକ୍ତଙ୍କ ମୁଣ୍ଡକାନ ଝାଇଁ ମାରି ଯାଉଛି । ୧୫୦ରୁ ୧୭୦ ଟଙ୍କାରେ ମିଳୁଥିବା ଅନ୍ନ, ଡାଲି ଓ ତରକାରୀରେ ପେଟ ପୁରୁନି । ବଡ଼ବଡ଼ିଆଙ୍କ କଥା ଅଲଗା,ସାଧାରଣ ପରିବାରରୁ ୮ରୁ ୧୦ ସଦସ୍ୟ ଯଦି ଅବଢ଼ା ଖାଇବାକୁ ଇଚ୍ଛା କରନ୍ତି, ଏଥିପାଇଁ ପ୍ରାୟ ଦେଢ଼ ହଜାର ଟଙ୍କା ପଡ଼ିଯାଉଛି । ସୂଚନା ଅନୁସାରେ, ଯେଉଁ ଜିରା ରାଇସ୍ ବାଇହାଣ୍ଡି ପୂର୍ବରୁ ୫ରୁ ୬ ଶହ ଟଙ୍କାରେ ବିକ୍ରି ହେଉଥିଲା ଏବେ ତା’ ଦର ୮ ଶହ ପାଖାପାଖି । ସେମିତି ଶହେ ଟଙ୍କିଆ ଡାଲି କୁଡୁଆଟେ ଦେଢ଼ ଶହ ନହେଲେ ୨୦୦ ଟଙ୍କା ପଡୁଛି । ତରକାରୀ, ବେସର, ମହୁର, ଶାଗ ସବୁ ସାଧାରଣ କୁଡୁଆ ପିଛା ଦର ୪୦ରୁ ୫୦ ଟଙ୍କା ଉଚ୍ଚା । ସହଜେ ଏବେ କାର୍ତ୍ତିକ ମାସ, ତେଣୁ ଉଭୟ ହବିଷ୍ୟାଳି ଓ ସାଧାରଣ ଭକ୍ତଙ୍କ ମନ୍ଦିରରେ ପ୍ରବଳ ଗହଳି । ହେଲେ ସମସ୍ତେ କହୁଛନ୍ତି ଅସମ୍ଭବ ଭିଡ଼ରେ ଜଗା ଦର୍ଶନ ଯେକିତି କଷ୍ଟ ଲାଗୁନି, ତାଠୁ ବେଶି ବାଧୁଛି ଅବଢ଼ାର ମହଙ୍ଗା ମାଡ଼ । ତେବେ ମହାପ୍ରସାଦର କୌଣସି ନିର୍ଦ୍ଦିଷ୍ଟ ଦର ଆଜି ଯାଏଁ ସ୍ଥିର ହୋଇପାରି ନାହିଁ । ଯିଏ ଯାହା ରେଟ୍ କହିଲା, ତାକୁ ଦେଇ କିଣିବାକୁ ବାଧ ହେଉଛନ୍ତି ଭକ୍ତ । ୨୦୧୮ ମସିହାରେ ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିର ସଂସ୍କାର ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଥିଲେ । ଯେଉଁଥିରେ ଆନନ୍ଦବଜାର ଶୃଙ୍ଖଳା ପ୍ରମୁଖ ପ୍ରସଙ୍ଗ ରହିଥିଲା । ମହାପ୍ରଭୁଙ୍କ ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ଆନନ୍ଦବଜାର ଓ ଅନ୍ୟ ସ୍ଥାନରେ ଏହି ଦର ତାଲିକା ଲଗାଇବାକୁ ନିଷ୍ପତ୍ତି ନେଇଥିଲା । ଦର ତାଲିକା ବି ତିଆରି ହେଲା । ଏହାକୁ ୫ ବର୍ଷ ବିତିଗଲା, କିନ୍ତୁ ଆନନ୍ଦବଜାରରେ ଆଜି ପର୍ଯ୍ୟନ୍ତ ଦର ତାଲିକା ଲାଗି ପାରିନି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଭକ୍ତ ।

### ମୁହାଁମୁହିଁ ବିଜେପି...

ସହ ଭୋଟରଙ୍କୁ ନାନା ପ୍ରଲୋଭନ ଦେଖାଉଥିବା ଅଭିଯୋଗ ଆଣି ବିଜେପି ନିର୍ବାଚନ କର୍ତ୍ତୃପକ୍ଷଙ୍କ ପାଖରେ ଫେରାଦ ହୋଇଛି । ଖୋଦ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ଦିଲ୍ଲୀରେ କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ପାଖରେ ଏନେଇ ବିସ୍ତୃତ ଅଭିଯୋଗ ଦାଖଲ କରିଛନ୍ତି । ଏସ୍‌ଏଚଜିମାନେ ଟଙ୍କା ବାଣ୍ଟୁଥିବାର ଭିଡିଓ ଭାଇରାଲ୍ ହେବା ଓ ବିଜେଡି କର୍ମୀ ସମ୍ମିଳନୀରେ କୋଟିଏ ଟଙ୍କାର ଅଫର୍ ଦିଆଯିବା ଅଭିଯୋଗକୁ ଧରି ଇସିଆଇ ପାଖରେ ଫେରାଦ ହୋଇଛି ବିଜେପି । ଧାମନଗରରେ ନିର୍ବାଚନ ଆଦର୍ଶ ଆଚରଣବିଧିର ଖୋଲା ଖୋଲି ଉଲ୍ଲଂଘନ ହେଉଥିବା ନେଇ କଡ଼ା ସାମାଲୋଚନା କରିଛନ୍ତି ଉଭୟ ଧର୍ମେନ୍ଦ୍ର ଓ ସମ୍ବିତ । ସେପଟେ ଏହାକୁ କାଉଣ୍ଟର କରିବାକୁ ଯାଇ ବିଜେଡି ବି ବିଜେପି ବିରୋଧରେ ଟଙ୍କା ବଣ୍ଟାର ପାଲଟା ଅଭିଯୋଗ ଆଣିଛି । ଏକ ପ୍ରତିନିଧି ଦଳ ଏନେଇ ସିଇଓଙ୍କ ପାଖରେ ଫେରାଦ ହୋଇଛି । ଧାମନଗର ଉପ ନିର୍ବାଚନକୁ ନିରପେକ୍ଷ ଉପାୟରେ କରିବାକୁ ଦାବି କରିଛ କଂଗ୍ରେସ । ନଚେତ୍ ଆଗାମୀ ଦିନରେ ଦଳ ପକ୍ଷରୁ ଦୃଢ଼ ପ୍ରତିବାଦ ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ସେପଟେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ, ଧାମନଗର ପ୍ରଚାରରେ ଅକସ୍ମାତ୍ ଏଣ୍ଟ୍ରି ମାରିଛି ନବ ନିର୍ମାଣ କୃଷକ ସଙ୍ଗଠନ । ଧାମନଗରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ହୋଇଛି । ଚାଷୀଙ୍କୁ ଭୁବନେଶ୍ୱର ମନା ତ ବିଜେଡିକୁ ଧାମନଗର ମନା ନାରା ଦେଇ ଶାସକ ଦଳକୁ ଟାର୍ଗେଟ୍ କରି ଏହି ଚାଷୀ ସଂଗଠନ ଯାହାକୁ କାଉଣ୍ଟର କରିଛି ଶାସକ ଦଳ । ତେଣେ ତହିଁଡି ବ୍ଲକ୍‌ରେ ସରଗରମ ରହିଛି ରାଜନୈତିକ ମାହୋଲ । ସେପଟେ ଧାମନଗର ରେସ୍‌ରେ ଆଗରେ ରହିବାକୁ ତିନି ଦଳ ଓ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ଜୋରସୋର୍ ଉଦ୍ୟମ ଜାରି ରଖିଛନ୍ତି । ଖାସ୍ କରି ରାଜୁ ଦାସ ବିଦ୍ରୋହୀ ହେବା ପରେ ଟେନସନ୍‌ରେ ବିଜେଡି । ତେଣୁ ଉପନିର୍ବାଚନ ଦାୟିତ୍ୱରେ ଥିବା ମନ୍ତ୍ରୀ, ବିଧାୟକ, ସାଂସଦ ଓ ଅନ୍ୟ ନେତାଙ୍କୁ ଦଳ ଦେଇଛି ଟାର୍ଗେଟ୍ । କେଉଁ ପଂଚାୟତ ଓ କେଉଁ ଜୋନ୍‌ରେ କେତେ ଭୋଟ୍‌ରେ ବିଜେଡି ଆଗୁଆ ହେବ, ସେନେଇ ଫିକ୍ସ କରାଯାଇଛି ଟାର୍ଗେଟ୍ । ଅନ୍ୟପକ୍ଷରେ ଗୁରୁବାରଠାରୁ ବିଭିନ୍ନ ଦଳର ଷ୍ଟାର ପ୍ରଚାରକମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଆସନ୍ତା ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭର୍ଚୁଆଲ୍ ପ୍ରଚାର କରିବେ ବୋଲି ଜଣାପଡ଼ିଛି ।

# କପିଳେଶ୍ୱର ମନ୍ଦିରରୁ ଚୋରି

ବିନିକା: ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା କପିଳେଶ୍ୱର ମନ୍ଦିର ଦାନବାକ୍ସ ଭାଙ୍ଗି ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଏନେଇ ଚରଦା ଟ୍ରଷ୍ଟବୋର୍ଡ ସଭାପତି ଅଶୋକ ପୃଷ୍ଟି ବିନିକା ଥାନାରେ ଅଭିଯୋଗ କରିଛନ୍ତି । ଖବର ପାଇ ବିନିକା ଥାନା ଅଧିକାରୀ ପବିତ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପରେ ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗି, ସୋନପୁର ଏସ୍‌ପି ଅମରେଶ ପଣ୍ଡା ଚରଦା ମନ୍ଦିରରେ ପହଞ୍ଚି ବିନିକା ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି । ଘଟଣାର ତଦନ୍ତ ଆରମ୍ଭ ହୋଇଥିଲେ ହେଁ ଚୋର ମାନଙ୍କର ଟେର ପାଇନାହିଁ ପୋଲିସ୍ । ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଅନୁସାରେ ବିଳମ୍ବିତ ରାତିରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ମନ୍ଦିର ପଛ କବାଟ ତାଲାଭାଙ୍ଗି ମନ୍ଦିର ଭିତରକୁ ଆସି ସିଂହଦ୍ୱାର,ମହାଦେବ ବାବାଙ୍କ ସମ୍ମୁଖ ଓ ମାଁ ଚରଦେଇ ମନ୍ଦିର ସମ୍ମୁଖରେ ଥିବା ଦାନବାକ୍ସକୁ ଭାଙ୍ଗି ଲୁଟି ନେଇଥିଲେ । ସୂଚନାଯୋଗ୍ୟ, ବିଗତ ଡିସେମ୍ବର ୨୦୧୧ ମସିହାରେ ଏହି ମନ୍ଦିରରୁ ସୁନା, ରୁପା ଅଳଙ୍କାର ଓ ପୁରୁଣା ନାଗ ମୂର୍ତ୍ତି ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା । କିନ୍ତୁ ଦୁଃଖର ବିଷୟ ଅଦ୍ୟାବଧି ଚୋର ଧରା ପଡିନାହିଁ କି ଚୋରି ସାମଗ୍ରୀ ମିଳିନାହିଁ । ଚରଦା ଓ ଆଖପାଖରେ ବ୍ରାଉନ୍‌ସୁଗାର, ଗଞ୍ଜେଇ ଓ ମଦ ଆଦି ବିଭିନ୍ନ ନିଶା ଦ୍ରବ୍ୟର କାରବାର ହେଉଥିବା ବେଳେ ଅପରାଧ ବଢ଼ି ଚାଲିଛି । କିଛି ଦିନ ପୂର୍ବେ ସଂଘିଯୁବା–ବାବୁପାଲି ରାସ୍ତାରୁ ଲୁଟ, ବିଭିନ୍ନ ସ୍କୁଲରୁ ଟିଭିଚୋରି ତଥା ମନ୍ଦିର ମାନଙ୍କରୁ ଚୋରଙ୍କ ଆଖିପଡ଼ିଥିବା ଗୁଜବ ବ୍ୟାପିବାରେ ଲାଗିଛି । ଏଣୁ ତୁରନ୍ତ ଚୋରମାନଙ୍କୁ ପୋଲିସ୍ ଗିରଫ କରିବା ସହିତ ଚୋରିଟଙ୍କା ଉଦ୍ଧାର କରିବାକୁ ଅଞ୍ଚଳବାସି ଦାବି କରିଛନ୍ତି । ଏହା ସହ ସରକାରଙ୍କ ତରଫରୁ ଏହି ମନ୍ଦିରରେ ସୁରକ୍ଷାକର୍ମୀ ଯୋଗାଇ ଦେବାକୁ ଦାବି ହେଉଛି । ସମ୍ବଲପୁର ଏଣ୍ଡାମେଣ୍ଟ୍ କମିସନରଙ୍କ ଅଧିନରେ ଥିବା ଏହିମନ୍ଦିର ଦିର୍ଘ ୨୦୧୧ ଚାଲିଥିବା କମିଟି ଆଜିପର୍ଯ୍ୟନ୍ତ ପରିବର୍ତ୍ତନ ହେବାର ନା ଧରୁନାହିଁ କି ଏଣ୍ଡାମେଣ୍ଟ୍ ଇନସ୍ପେକ୍ଟର ମଧ୍ୟ ମନ୍ଦିରକୁ ପରିଦର୍ଶନ କରିବାକୁ ଆସୁ ନଥିବାରୁ ଅଞ୍ଚଳର ଜନ ସାଧାରଣରେ ଅଶାନ୍ତି ଦେଖା ଦେଉଛି । ଏଣୁ ସମ୍ବଲପୁର ଏଣ୍ଡୋମେଣ୍ଟ୍ କମିସନର ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି ।



# ପଞ୍ଚକ ମହାତ୍ମ୍ୟ

## ପାପ ଧୋଇବାର ପ୍ରକୃଷ୍ଟ ସମୟ

**ଓଡ଼ିଶା ପର୍ବପର୍ବାଣୀର ରାଜ୍ୟ । ଏଠି ବାର ମାସରେ ତେରପର୍ବ ପାଳନ କରାଯାଏ । ପ୍ରତ୍ୟେକ ପର୍ବପର୍ବାଣୀର ଏକ ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଉତ୍କଳୀୟ ପର୍ବପର୍ବାଣୀ ସାଧାରଣତଃ ଧର୍ମ ଓ ପୌରାଣିକ ଉପାଖ୍ୟାନର ଭିତ୍ତି ଉପରେ ପ୍ରତିଷ୍ଠିତ । ବିଶେଷତଃ ପର୍ବପର୍ବାଣୀ, ଓଷାବ୍ରତ ଓ ଯାନିଯାତ୍ରାଗୁଡ଼ିକ ତିଥି, ବାର, ନକ୍ଷତ୍ର, କୃଷିକର୍ମ, ଦେବଦେବୀ, ଶାସ୍ତ୍ରୀୟ କାହାଣୀ, ଲୋକକଥା, ଆନନ୍ଦ ମହୋତ୍ସବ ପାଇଁ ପାଳିତ ହୋଇଥାଏ । ଉତ୍କଳୀୟ ପର୍ବପର୍ବାଣୀଗୁଡ଼ିକୁ ଚାରୋଟି ମୁଖ୍ୟ ଭାଗରେ ବିଭକ୍ତ କରାଯାଇ ପାରେଛ ଯଥା ଶାସ୍ତ୍ରୀୟ, ଲୌକିକ, ଆଞ୍ଚଳିକ ଓ କୃଷି ଭିତ୍ତିକ । ତେବେ ସବୁ ପର୍ବ ପର୍ବାଣୀ ଓ ବତ୍ରଠାରୁ ଭିନ୍ନ ହେଉଛି କାର୍ତ୍ତିକ ବ୍ରତ । କୁହାଯାଏ,କାର୍ତ୍ତିକ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗା ପରି ତୀର୍ଥ ନାହିଁ । କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ଅତିପ୍ରିୟ ମାସ । ତନ୍ମଧ୍ୟରୁ ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଅତୀବ ପବିତ୍ର ଦିବସ ପଞ୍ଚକ ଭାବେ ଗଣାଯାଏ । ଏହି ପାଞ୍ଚଦିନକୁ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ମହାପଞ୍ଚକ ବୋଲି ମଧ୍ୟ କୁହାଯାଏ । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ ପାଳନ କରନ୍ତି । ଏହି ପଞ୍ଚକରେ ଗୋବିନ୍ଦ ନାମ ସ୍ମରଣ କଲେ ଅକ୍ଷୟ ପୁଣ୍ୟ ପ୍ରାପ୍ତିହୁଏ ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷ ନଭେମ୍ବର ୪ ତାରିଖରୁ ଏହି ପଞ୍ଚକ ଆରମ୍ଭ ହୋଇଥିବା ବେଳେ ୮ ରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ ଏହା ସମାପ୍ତ ହେବାକୁ ଯାଉଛି ।**

ପ୍ରଭାସ କୁମାର ରାଉତରାୟ

### ଭୀଷ୍ମ ପଞ୍ଚକ

ପବିତ୍ର କାର୍ତ୍ତିକ ମାସର ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଶେଷ ୫ ଦିନକୁ ଭୀଷ୍ମ ପଞ୍ଚକ ବୋଲି ମଧ୍ୟ କୁହାଯାଇଥାଏ । ଏହି ବ୍ରତ କଲେ ଏକ ହଜାର ଏକାଦଶୀ ବ୍ରତର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ମହାଭାରତରେ ଉଲ୍ଲେଖ ରହିଛି ଗଙ୍ଗାପୁତ୍ର ଭୀଷ୍ମ ଶରଶଯ୍ୟାରେ ଥିବା ସମୟରେ ଏହି ପାଞ୍ଚ ଦିନ ପାଣ୍ଡବଙ୍କୁ ନୀତି ଶିକ୍ଷା ଦେଇଥିଲେ । ଭୀଷ୍ମ ପିତାମହ ଶରଶଯ୍ୟା ଉପରେ ଶୟନ କରି ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ଆଦି ବର୍ଣ୍ଣନା କରିଥିଲେ । ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ବାସୁଦେବ ଶ୍ରୀକୃଷ୍ଣ କହିଥିଲେ, ଆପଣ ଧନ୍ୟ । ଇତ୍ୟବସରରେ ଭୀଷ୍ମ ଧର୍ମର ଗୂଢ଼ ରହସ୍ୟ ବର୍ଣ୍ଣନା କରିଥିଲେ । ଭୀଷ୍ମ ଇଛାମୃତ୍ୟୁ ବରପ୍ରାପ୍ତ ହୋଇଥିଲେ । ତେଣୁ ଏହି ପବିତ୍ର ସମୟରେ ଦେହତ୍ୟାଗ କରିବା ପାଇଁ ଇଛା ପ୍ରକାଶ କରିଥିଲେ । ସୂର୍ଯ୍ୟଙ୍କ ଉତ୍ତରାୟଣ ସମୟରେ ଦେହତ୍ୟାଗ କଲେ ଜନ୍ମ ଜନ୍ମାନ୍ତରର ପାପ କ୍ଷୟ ହେବା ସହିତ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ପ୍ରଭୁ ଶ୍ରୀକୃଷ୍ଣ ସୂଚନା ଦେଇଥିଲେ । ତେଣୁ ଭୀଷ୍ମ ଉତ୍ତରାୟଣ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ଶ୍ରୀକୃଷ୍ଣଙ୍କ ଆଦେଶାନୁସାରେ ଅର୍ଜୁନ ଭୀଷ୍ମଙ୍କୁ ଜଳ ଅର୍ପଣ କରିଥିଲେ । ଏହି କ୍ରମେ କାର୍ତ୍ତିକ ଏକାଦଶୀ ଦିନଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଯେଉଁମାନେ ଜଳ ଅର୍ଘଦାନ କରି ଶ୍ରୀହରିଙ୍କୁ ଧ୍ୟାନ କରନ୍ତି, ସେମାନଙ୍କ ମୋକ୍ଷ ପ୍ରାପ୍ତିର ମାର୍ଗ ପ୍ରଶସ୍ତ ହେବ ବୋଲି ବାସୁଦେବ କହିଥିଲେ । ଏହି ପାଞ୍ଚ ଦିନ ସକାଳୁ ଉଠି



ସୂର୍ଯ୍ୟୋଦୟ ପୂର୍ବରୁ ତିଳ ମିଶ୍ରିତ ଜଳରେ ସ୍ନାନ କଲେ ଅଶେଷ ପୁଣ୍ୟ ମିଳେ । ଏହି ଅବସରରେ ଶ୍ରଦ୍ଧାଳୁ ପବିତ୍ର ନଦୀରେ ସ୍ନାନ କରି ଏହି ମନ୍ତ୍ର ଜପ କରିଥାନ୍ତି ।

‘ସତ୍ୟବ୍ରତାୟ ଶୁଚିୟେ ଗାଙ୍ଗେୟାୟ ମହାତ୍ମନେ ।
ଭୀଷ୍ମାୟୈତଦ୍ ଦଦାମ୍ୟର୍ଘ୍ୟ ମାଜନ୍ମ ବ୍ରହ୍ମଚାରିଣେଛ ।’

ଅର୍ଥାତ, ଆଜନ୍ମ ବ୍ରହ୍ମଚର୍ଯ୍ୟ ପାଳନକର୍ତ୍ତା ପରମ ପବିତ୍ର ସତ୍ୟବ୍ରତ ପରାୟଣ ଗଙ୍ଗାନନ୍ଦନ ଭୀଷ୍ମଙ୍କୁ ମୁଁ ଏହି ଅର୍ଘ୍ୟ ପ୍ରଦାନ କରୁଛିଛ ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଏହି ଭୀଷ୍ମ ପଞ୍ଚକ ବ୍ରତ ପାଳନ କରିଥାନ୍ତି ।

### ବକ ପଞ୍ଚକ

ଏହି ପଞ୍ଚକକୁ ‘ବକ ପଞ୍ଚକ’ ବୋଲି ମଧ୍ୟ କୁହାଯାଏ । ‘ବକ ପଞ୍ଚକ’ ଶୀର୍ଷକରେ ଓଡ଼ିଆରେ ଗୋଟିଏ କଥା ଅଛି । ଏହି ପାଞ୍ଚ ଦିନରେ ପରମ ଆମିଷାଶୀ ବକ କୁଆଡ଼େ ଆମିଷ ସ୍ପର୍ଶ କରେ ନାହିଁ । ଏହା ବାସ୍ତବରେ ସତ୍ୟ କି ନୁହେଁ, ତାହା ତ ଜଣାନାହିଁ । କିନ୍ତୁ ଏହାର ବିଶେଷ ତାତ୍ପର୍ଯ୍ୟ ରହିଛି । କାର୍ତ୍ତିକ ମାସରେ ଆମିଷ ଭକ୍ଷଣ ନିଷେଧ । ଏ କଥାକୁ ଏହାଦ୍ୱାରା ପ୍ରାଧାନ୍ୟ ଦିଆଯାଇଛି । କୁହାଯାଏ, ଏହି ଋତୁରେ ଶରୀରରେ ପାଚନ ଶକ୍ତି ପ୍ରବଳ ଭାବରେ ବୃଦ୍ଧି ପାଇଥାଏ । ଏହା ଫଳରେ ଶରୀରରେ ପିତ୍ତର ପ୍ରକୋପ ଅଧିକ ହୁଏ । ମାଛ ଓ ମାଂସ ଅତ୍ୟନ୍ତ ପିତ୍ତବର୍ଦ୍ଧକ । ପୁଣି ଏସବୁ ରନ୍ଧନ ପାଇଁ ମାତ୍ରାଧିକ ତେଲ, ମସଲା ବ୍ୟବହାର କରାଯାଏ । ଏହା ଫଳରେ ପିତ୍ତ ବୃଦ୍ଧି ପାଇ ପିତ୍ତଜନିତ ରୋଗ, ବିଶେଷକରି କାମଳ ରୋଗ ହେବାର ଆଶଙ୍କା ମଧ୍ୟ ଦେଖାଯାଇଥାଏ । ସେଥିପାଇଁ ଏହି ଋତୁରେ ଆମିଷ ଭକ୍ଷଣକୁ ନିଷେଧ କରାଯାଇଛି । ଏହି ମାସରେ ଆମିଷ ନ ଖାଇବାର ବିଜ୍ଞାନ ସମ୍ମତ କାରଣ ମଧ୍ୟ ଅଛି । ଏହି ମାସରେ ମାଛମାନଙ୍କୁ ରୋଗ ହୋଇଥାଏ । ସେଥିପାଇଁ ଏହି ସମୟରେ ମାଛ ଖାଇଲେ ଆମ ଶରୀରରେ ତାହାର ସଂକ୍ରମଣ ହେବାର ଆଶଙ୍କା ଦେଖାଦିଏ । ଏହା ଫଳରେ ବିଶେଷ କରି ଚର୍ମରୋଗ ଆଦି ହେବାର ଆଶଙ୍କା ଥାଏ । ତେଣୁ ଆମ ଧର୍ମ ଧାରଣା ଅନ୍ଧବିଶ୍ୱାସ ନୁହେଁ, ବରଂ ବିଜ୍ଞାନ, ଆଧ୍ୟାତ୍ମିକତା ଉପରେ ଆଧାରିତ । ପ୍ରାତଃସ୍ନାନ ଶରୀର ପକ୍ଷରେ ହିତକର । ମାସ ଯାକ ପ୍ରାଃତସ୍ନାନ କରି ଲୋକମାନେ ରାଇଦାମୋଦର ବ୍ରତ ପାଳନ କରନ୍ତି । କିଛି ନ ହେଲେ ଏହି ମହାପଞ୍ଚକ ପାଞ୍ଚଦିନ ବ୍ରତ ପାଳନ କରନ୍ତି । ଏହି ବ୍ରତ ପରି ପୁଣ୍ୟବ୍ରତ ଆଉକିଛି ନାହିଁ । ତେଣୁ କୁହାଯାଇଛି, ଯିଏ ଏହି ମହାପଞ୍ଚକ ବ୍ରତ କରନ୍ତି, ସେ ଧନ୍ୟ ଏବଂ ପୂଜନୀୟ । ଏହାଦ୍ୱାରା ମନୁଷ୍ୟର ସମସ୍ତ ପାପ ତତ୍କାଳ ନଷ୍ଟ ହୋଇଯାଏ । ଯେଉଁମାନେ ଏହି ଧର୍ମମାସରେ ତୁଳସୀବୃକ୍ଷ ମୂଳରେ ରାଧା ଏବଂ ଶ୍ରୀକୃଷ୍ଣ, ରାଇ–ଦାମୋଦର ମୂର୍ତ୍ତି ରଖି ନିଷ୍କାମ ଭାବରେ ପୂଜାକରନ୍ତି, ସେମାନଙ୍କ ପାପ କ୍ଷୟ ହୋଇଥାଏ ।

### ତୁଳସୀ ପୂଜାର ବିଶେଷ ମହତ୍ତ୍ୱ

ପଞ୍ଚକରେ ଭଗବାନ ଶ୍ରୀହରିଙ୍କୁ ବିଧିବିଧାନ ମୁତାବକ ପୂଜା କରାଯାଇଥାଏ । ଏହାର ମହତ୍ତ୍ୱ ପଦ୍ମ ପୁରାଣ ଏବଂ ସ୍କନ୍ଦ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ବିଶ୍ୱାସ ଅନୁଯାୟୀ ପଞ୍ଚକରେ ବ୍ରତ ଏବଂ ତପ କରୁଥିବା ସାଧକମାନେ ବିଶେଷ ଲାଭ ପାଇଥାନ୍ତି । ମାସ ସାରା ବତ୍ର କରିପାରି ନ ଥିବା ବ୍ୟକ୍ତି ବିଶେଷ ପଞ୍ଚକ ପାଞ୍ଚଦିନ ଧରି ବ୍ରତ ପାଳନ କରିଥାନ୍ତି । ମହିଳାମାନେ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରିଥାନ୍ତି । ସକାଳ ସ୍ନାନ କରି ବିଷ୍ଣୁଙ୍କ ରାଧାଦାମୋଦର ସ୍ୱରୂପର ପୂଜା କରିଥାନ୍ତି । ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ରହିଛି । ମାନ୍ୟତା ଅନୁଯାୟୀ, ତୁଳସୀ ଭଗବାନ ବିଷ୍ଣୁଙ୍କ ଅତିପ୍ରିୟ । ତୁଳସୀ ପୂଜା ଜରିଆରେ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ପୂଜା କରାଯାଇପାରିବ । ଶାସ୍ତ୍ରରେ ଏ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି ଯେ ତୁଳସୀଙ୍କ କଥା ଭଗବାନ ବିଷ୍ଣୁ କେବେ ଟାଳି ନ ଥାନ୍ତି । ଏପରି ସ୍ଥିତିରେ ବିଧିପୂର୍ବକ ତୁଳସୀଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ଦୁଃଖ, ରୋଗ ଆଦି ଦୂର ହୁଏ । ପଞ୍ଚକରେ ଦୀପଦାନ ବେଶ୍ ମହତ୍ତ୍ୱ ପୂର୍ଣ୍ଣ । ନଦୀରେ ସ୍ନାନ କରି ମନ୍ଦିରରେ ଦୀପଦାନ କରିବା ସହିତ ଆକାଶ ଦୀପ ଜଳାଯାଏ । ପିତୃପୁରୁଷଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଏ । ବିଶ୍ୱାସ ଅଛି ଯେ ଏହି ମାସରେ ମା’ ଲକ୍ଷ୍ମୀଙ୍କୁ ଦୀପଦାନ କଲେ ତାଙ୍କରି ଆଶୀର୍ବାଦ ପ୍ରାପ୍ତ ହୁଏ । ଘରେ ଅଭାବ ଅସୁବିଧା ରହେନାହିଁ । କାର୍ତ୍ତିକ ମାସ, ବିଶେଷକରି ପଞ୍ଚକରେ ମୃତ୍ୟୁବରଣ କଲେ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । କାର୍ତ୍ତିକ ପୂର୍ଣ୍ଣିମା ଦିନ ଗଙ୍ଗାରେ ସ୍ନାନ ପରେ ଦୀପଦାନ କରି ହବିଷ ଭୋଜନ କଲେ ସାଂସାରିକ ପାପତାପରୁ ମୁକ୍ତି ମିଳେ । ଅନ୍ନ, ଧନ ଓ ବସ୍ତ୍ରଦାନ କଲେ ବେଶ୍ ପୁଣ୍ୟ ଅର୍ଜନ ହୁଏ । ଶେଷରେ ବ୍ରତଧାରୀମାନେ ପୂର୍ଣ୍ଣିମା ଦିନ ପୋଖରୀ ଓ ନଦୀରେ କଦଳୀ ପଟୁଆରେ ପାନଗୁଆ ଥୋଇ ଦୀପ ଜଳାଇ ବ୍ରତ ଭାଙ୍ଗିବା ପାଇଁ ଗାଇଥାନ୍ତି ‘ଆ କା ମା ବୈ, ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧର୍ମ ମୋର ।’

### ଶ୍ରୀମନ୍ଦିରରେ ପଞ୍ଚକ

ପୁରୀ ଶ୍ରୀମନ୍ଦିରରେ ପଞ୍ଚକରେ ଶ୍ରୀଜୀଉମାନଙ୍କୁ ଆକର୍ଷଣୀୟ ବେଶରେ ସୁସଜ୍ଜିତ କରାଯାଏ । ଏକାଦଶୀରେ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ, ଦ୍ୱାଦଶୀରେ ବାଙ୍କଚୂଡ଼ା ବେଶ ବା ବାମନ ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ ବା ଆଡ଼କିଆ ବେଶ, ଚତୁର୍ଦ୍ଦଶୀରେ ଲକ୍ଷ୍ମୀନୃସିଂହ ବେଶ ବା ଡାଳିକିଆ ବେଶ ଏବଂ ପୂର୍ଣ୍ଣିମୀରେ ରାଜରାଜେଶ୍ୱର ବେଶ ବା ସୁନାବେଶ ଆଦି ଅନୁଷ୍ଠିତ ହୁଏ । ପ୍ରତ୍ୟହ ଅବକାଶ ନୀତି ଶେଷହେବା ପରେ ତିନିଠାକୁରଙ୍କୁ ଏହିସବୁ ବେଶରେ ସଜ୍ଜିତ କରାଯାଏ । ଠାକୁରମାନଙ୍କ ଏହି ବେଶ ସହିତ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ ଓ ଭୋଗମଣ୍ଡପ ଆଦି ନୀତି ଅନୁଷ୍ଠିତ ହୋଇଥାଏ । ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ବେଶ, ଅଳଙ୍କାର ଆଦି ମଇଲମ ଆଦି ହୋଇ ମଧ୍ୟାହ୍ନଧୂପ ଅନୁଷ୍ଠିତ ହେବାର ପରମ୍ପରା ରହିଛି । ପଞ୍ଚକ ପାଞ୍ଚଦିନରେ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ କରିବାକୁ ଶ୍ରୀମନ୍ଦିରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ।

### ମଳତିଥିରେ ନାଗାର୍ଜୁନ ବେଶ

କାର୍ତ୍ତିକ ମାସରେ ପଞ୍ଚକ ଛଅ ଦିନ ପଡ଼ିଲେ ମଳତିଥି ଦିନ ମହାପ୍ରଭୁଙ୍କର ନାଗାର୍ଜୁନ ବେଶ ଅନୁଷ୍ଠିତ ହୁଏ । ଶ୍ରୀଜିଉ ବୀରବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଏହି ବେଶକୁ ଦେଖିବା ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଜନସମାଗମ ହୋଇଥାଏ । ନାଗାର୍ଜୁନ ବେଶ ଦର୍ଶନ କଲେ ଜନ୍ମ ଜନ୍ମାନ୍ତରର ପାପ ନାଶ ହୋଇ ମୋକ୍ଷ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଅର୍ଜୁନଙ୍କ ପୁତ୍ର ଶହସ୍ରାର୍ଜୁନ ବା ନାଗାର୍ଜୁନଙ୍କ ସହିତ ଯୁଦ୍ଧ ସମୟରେ ମହାପ୍ରଭୁଙ୍କ ଏହା ଏକ ବୀର ବେଶ ଥିଲା ପୁରାଣରେ ବର୍ଣ୍ଣିତ ଅଛି । ନାଗାର୍ଜୁନଙ୍କୁ ପ୍ରଭୁ ପର୍ଶୁରାମ ବଧ କରିବା ସମୟରେ ଏହି ବେଶ ଧାରଣ କରିଥିଲେ ବୋଲି ପୁରାଣରେ ଉଲ୍ଲେଖ ଅଛି । ପୂର୍ବରୁ ମହାପ୍ରଭୁଙ୍କ ଏହି ବେଶ ୧୯୬୬, ୧୯୮୩ ଏବଂ ୧୯୯୪ରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୨୫ ବର୍ଷ ପରେ ପୁଣିଥରେ ଗତ ୨୦୨୦ରେ ମହାପ୍ରଭୁ ଧାରଣ କରିଥିଲେ ଏହି ବେଶ ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ